



# ଗୋଟିଏ କୋଠାରେ ଦୁଇଟି ଥାନା

## ଏତଲା ଦେବାକୁ ଯାଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ଅଭିଯୋଗକାରୀ

## କେବେ ମିଳିବ ସାଇବର୍ ଥାନାକୁ ନୂଆ କୋଠା

ଭୁବନେଶ୍ୱର, ୧୨।୫(ସମିସ): ଦିନକୁ ଦିନ ବଢୁଥିବା ସାଇବର ଅପରାଧକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଥାନା ସଂଖ୍ୟା ବୃଦ୍ଧି କରାଯିବା ସହ ସାଇବର ପୁଲିସକୁ ଅଧିକ ପ୍ରଶିକ୍ଷଣ ଦିଆଯାଉଛି। ତେବେ ଏଭଳି ସ୍ଥିତିରେ ଭୁବନେଶ୍ୱର ସାଇବର ଥାନାକୁ ନୂତନ କୋଠା ନ ମିଳିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭିଏସ୍‌ଏସ୍ ନଗରରେ ଥିବା ପୁଲିସ ଫାଣ୍ଡିରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାକୁ ଅସ୍ଥାୟୀ ଭାବେ ଚାଲୁ କରାଯାଇଥିଲା। ତେବେ ଏପ୍ରିଲ ୫ରେ ଉକ୍ତ ଥାନାକୁ ମୈତ୍ରୀ ବିହାର ଥାନା କୋଠାକୁ ସ୍ଥାନାନ୍ତର କରାଯାଇଛି। ଏପରିକି ଗୋଟିଏ ସ୍ଥାନରେ ୨ଟି ଥାନାର ବୋର୍ଡ ମଧ୍ୟ ଲଗାଯାଇଛି।

ତେବେ ଭିତ୍ତିଭୂମି ନ ଥାଇ ସାଇବର ଥାନାକୁ ମୈତ୍ରୀବିହାର ଥାନା କୋଠାକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏଥିଲାଗି ସରକାରୀ ଭାବେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଥାନା ସ୍ଥାନାନ୍ତର ଫଳରେ ଅନେକ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ଅଭିଯୋଗକାରୀ ସାଇବର ଠକେଇର ଶିକାର ହୋଇ ଭିଏସ୍‌ଏସ୍ ନଗରରେ ଥିବା ଥାନାକୁ ଯାଉଛନ୍ତି। ହେଲେ ସେଠାକୁ ଯାଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ମୈତ୍ରୀ ବିହାର ଥାନା କୋଠାର ପ୍ରଥମ ମହଲାରେ ବାରାକ୍ ଓ ବିଶ୍ରାମ କକ୍ଷକୁ ସାଇବର ଥାନା କରିଦିଆଯାଇଛି। ଫଳରେ ଫୋର୍ସ ରହିବାକୁ ଓ ବିଶ୍ରାମ ନେବାକୁ ସ୍ଥାନ ନାହିଁ। ସାଇବର ଥାନାର ସ୍ୱତନ୍ତ୍ର ହାଜତ ଗୃହ ନାହିଁ। ଫଳରେ ଅଭିଯୁକ୍ତମାନଙ୍କୁ ମୈତ୍ରୀ ବିହାର ଥାନା ହାଜତରେ ରଖାଯାଉଛି। ସାଇବର ଥାନାର ଅଭ୍ୟର୍ଥନା କକ୍ଷ ନାହିଁ। ସଙ୍କୁଚିତ ସ୍ଥାନରେ ଚେୟାର ଓ ଟେବୁଲ ପକାଯାଇ ଅଭ୍ୟର୍ଥନା କରାଯାଇଛି।

ଥାନା ପ୍ରଥମ ମହଲାରେ ଚାଲୁଥିବାରୁ ଅଭିଯୋଗ କରିବାକୁ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ହଇରାଣରେ ପଡୁଛନ୍ତି। ସେମାନେ ଶିଢ଼ିରେ ଯାତାୟାତ କରିବାକୁ ସମସ୍ୟା ହେଉଛି। ସହିଦନଗରର ରମା ଜେନା ୨୦ ହଜାର ଠକେଇ ସମ୍ପର୍କରେ ଅଭିଯୋଗ କରିବାକୁ ଗୁରୁବାର ଏପ୍ରିଲ ୩୦ (ଗୁରୁବାର) ସାଇବର ଥାନାକୁ ଯାଇଥିଲେ। ରମା କହିଛନ୍ତି, ସାଇବର ଥାନା ସ୍ଥାନାନ୍ତର ହୋଇଥିବା ନେଇ ମୁଁ ଜାଣିନଥିଲି। ପ୍ରଥମେ ମୁଁ ଅଭିଯୋଗ କରିବାକୁ ଭିଏସଏସ ନଗର ଯାଇଥିଲି। ପରେ ଜଣେ ଅଟୋ ଚାଳକଙ୍କ ସହାୟତାରେ ମୈତ୍ରୀ ବିହାରସ୍ଥିତ ସାଇବର ଥାନାକୁ ଆସିଥିଲେ ବୋଲି ସେ କହିଛନ୍ତି। ପୁଲିସ ଫାଣ୍ଡିରେ ସାଇବର ଥାନା ଚାଲୁଥିବାରୁ ସମସ୍ୟା ହେଉଥିଲା। ତେଣୁ ଅସ୍ଥାୟୀ ଭାବେ ମୈତ୍ରୀ ବିହାର ଥାନା କୋଠାରେ ସାଇବର ଥାନା ଚାଲିଛି। ଖୁବଶୀଘ୍ର ସାଇବର ଥାନା ପାଇଁ ନୂଆ କୋଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।




## ସ୍କାଉଟ୍ସ ଗାଇଡ୍‌ସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୨।୫(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ସଂସ୍ଥାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଅଛି। ରାଜ୍ୟ ମୁଖ୍ୟ କମିସନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିସନରଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭ୍ୟମାନେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଅନାମିକା ଦାସ ସ୍ୱାଗତ ଅଭିଭାଷଣ ପରେ ଯୁଗ୍ମ ସମ୍ପାଦକ ବିବରଣୀ ପାଠ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟ ସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୨।୫(ସମିସ): କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର। ଆଜି ଭଳି କୋଳାହଳ ନା ଭରପୁର ଜଙ୍ଗଲ ନା ଅଲଗା କିଛି। ସେଦିନର କଥାକୁ ଯିଏ ଦେଖିଛି ସିଏ କହିବ। ଆଉ ଯିଏ ଦେଖି ନାହିଁ ସେ କେମିତି ଫେରିପାରିବ ସେ ପୁରୁଣା ଦିନ ପାଖକୁ। ସାଇତା ସ୍ମୃତି, ସ୍ୱର୍ଦ୍ଧିତ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ସେହିପରି ଏକ ପୁରୁଣା ଫଟୋ ଯିଏକୁ ଅନେକ ବର୍ଷ ତଳର ଏକ ପର୍ଯ୍ୟଟନସ୍ଥଳୀକୁ ମନେ ପକାଇଦେଇଛି।

ଇତିହାସ ପୃଷ୍ଠାର ଅନ୍ୟତମ କିର୍ତ୍ତିରାଜୀ ହେଉଛି ଧଉଳୀସ୍ଥିତ ଅଶୋକଙ୍କ ପ୍ରାଚୀନ ଶିଳାଲେଖ। ସେହି ସ୍ଥାନର ଏକ ପୁରୁଣା ଫଟୋ, ଯାହାକି ୧୯୫୦ ମସିହାର ବୋଲି ଜଣାପଡ଼ିଛି। ଏହି ଫଟୋରେ ଅଶ୍ୱତ୍‌ଥାମା ପାହାଡ଼ ଉପରେ ରହିଥିବା ତୃତୀୟ ଶତାବ୍ଦୀର ଶିଳାଲେଖର ଦୃଶ୍ୟ ପରିଲକ୍ଷିତ ହୋଇଥିବାବେଳେ ଏହାସହିତ ନିକଟରେ ବସିଥିବା ଏକ ଛୋଟ ପିଲାକୁ ମଧ୍ୟ ଦେଖିବାକୁ ମିଳିଛି। ସେ ଦିନର ଚିର ଅମ୍ଳାନ ଐତିହ୍ୟର ମୁକସାକ୍ଷୀ ହୋଇ ଠିଆ ହୋଇଥିବା ଏହି ପଥରରେ ଲେଖାଅଛି ଅଶୋକଙ୍କ କୀର୍ତ୍ତିରାଜି। ଏଠାରେ ହିଁ କଳିଙ୍ଗ ଯୁଦ୍ଧରେ ସେ ବିଜୟ ହୋଇଥିଲେ ଓ ପରେ ପରେ ଏହା ତାଙ୍କ ଜୀବନରେ ଏକ ନୂଆ ମୋଡ଼ ଆଣି ଦେଇଥିଲା। ଏନେଇ କଳିଙ୍ଗର ଲୋକମାନଙ୍କର ଶାନ୍ତି ପ୍ରତିଷ୍ଠା ପାଇଁ ସେ ପ୍ରାଚୀନ ଭାଷାରେ ପଥରରେ ଲେଖିଯାଇଛନ୍ତି ତାଙ୍କ କୀର୍ତ୍ତି। ଯାହା ହାତୀର ଶରୀରରେ ଖୋଦିତ ହୋଇ ରହିଛି।

## ଶ୍ରୀମଦନ ମୋହନ ଦେବଙ୍କ ନାଗାଯାତ୍ରା ଉତ୍ସବ



ଧଉଳି, ୧୨।୫(ସମିସ): ବାଳକାଟି ସ୍ଥାନୀୟ ଅଞ୍ଚଳର ଶ୍ରୀମଦନ ମୋହନ ଦେବଙ୍କ ଚନ୍ଦନ ନୀତି ଶେଷ ହେବା ସହିତ ନାଗା ଯାତ୍ରା ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଯାତ୍ରାରେ ବ୍ୟବହୃତ ଖଣ୍ଡ, ଠେଙ୍ଗା, କାଠ ବନ୍ଧୁକ, ଆଦି ଅନେକ ଅସ୍ତ୍ର ଶାସ୍ତ୍ର ପୂଜା ହେବା ପରେ ମହୁରୀ ଏବଂ ତାଳମୁଳି, ଦୁଲଦୁଲି ବାଜାର ମିଶ୍ରଣ ଶବ୍ଦରେ ଦୁଲୁକି ଉଠୁ ଉଠୁଥିଲା ଗାଁଦାଣ୍ଡ। ପାରମ୍ପରିକ ଶୈଳୀରେ ଦୁଇଜଣ ବ୍ୟକ୍ତି ନାଗା ବେଶ ହୋଇ ବାଜା, ମହୁରୀ ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମ ଯୁବକ ଏହି ନାଗା ନାଚର ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଖଣ୍ଡାଖେଳ, ବାଡିବୁଲା ଖେଳ, ନିଆଁ ଖେଳ ଆଦିପ୍ରଦର୍ଶନ କରାଯାଇଥିଲା। ପରେ ଏହିନାଗା ନାଚ ଗ୍ରାମର ଆଖପାଖ ଅଞ୍ଚଳରେ ପରିକ୍ରମା କରିଥିଲେ। ପ୍ରାପ୍ତସୂଚନା ଅନୁଯାୟୀ ଏହି ନାଗା ଯାତ୍ରା କାହିଁ କେଉଁ ପୂର୍ବପୁରୁଷଙ୍କ ଦ୍ୱାରା ପ୍ରଚଳିତ ପରମ୍ପରା। ଚାରିଦେଶ ର ଆରଧ ମାତା ପାର୍ବତୀଙ୍କୁ ଧରି ଚାପ ଖେଳୁଛନ୍ତି ବାବାଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଠାକୁରଙ୍କ ଏହି ନୀତିକ୍ରାନ୍ତି ୨୧ ଦିନ ଧରି ଚାଲିଥିଲା। ଆଜି ୨୨ ଦିନରେ ଅନୁରୂପ ଭାବେ ଠାକୁରଙ୍କୁ ପାଲିଙ୍କିରେ ଆଣି ଚନ୍ଦନପୋଖରୀରେ ଚାପ ଖେଳ ପରେ ଭଇଁରୀ ଖେଳ ଶେଷ ପରେ ଚନ୍ଦନ ଗୃହରେ ରହିଛନ୍ତି।

## ଏକାଦଶାହରେ କୈଳାସ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



ଧଉଳି, ୧୨।୫(ସମିସ): ଏକାଦଶାହ ଅବସରରେ ଭୁବନେଶ୍ୱର ବ୍ଲକ ଗୋପୀନାଥପୁର ଗ୍ରାମର କୈଳାସ ଚନ୍ଦ୍ର ମହାନ୍ତି(୮୫)ଙ୍କ ଏକାଦଶାହ ଅବସରରେ ସାମନ୍ତରାୟପୁରସ୍ଥିତି ସରସ୍ୱତୀ କଲ୍ୟାଣ ମଣ୍ଡପଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ସାମିଲ ହୋଇ ସ୍ୱର୍ଗତଃ ମହାନ୍ତିଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୁଅ ଜୟନ୍ତ କୁମାର ମହାନ୍ତି, ସୁଶାନ୍ତ ମହାନ୍ତି, ସୁକାନ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ତୁଷାର ମହାନ୍ତି ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ସ୍ୱର୍ଗତଃ ମହାନ୍ତି ହେଉଛନ୍ତି ସକାଳ ଖବରକାଗଜର ସ୍ଥାନୀୟ ପ୍ରତିନିଧି ସୁକାନ୍ତ ମହାନ୍ତିଙ୍କ ବାପା।

## ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା : କେନ୍ଦ୍ର ସରକାରଙ୍କ ବିଫଳତାର ପ୍ରତିବାଦ

ଭୁବନେଶ୍ୱର, ୧୨।୫(ସମିସ): ନିଟ୍ ୨୦୨୬ ପରୀକ୍ଷାରେ ପୁନର୍ବାର ପ୍ରଶ୍ନପତ୍ର ପ୍ରଘଟ ଘଟଣା ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଆଶା ଓ ବିଶ୍ୱାସକୁ ପୁଣିଥରେ ଭାଙ୍ଗି ଚୂରମାର କରିଦେଇଛି। ଏହି ଘଟଣା କେବଳ ଏକ ବ୍ୟବସ୍ଥାଗତ ତ୍ରୁଟି ନୁହେଁ, ବରଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କର ଚରମ ଅପାରଗତା ଓ ଦାୟିତ୍ୱହୀନତାର ପ୍ରତିଫଳନ ବୋଲି ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଓଡ଼ିଶା ସୁରକ୍ଷା ସେନାର ଯୁବ ଶାଖା ଆବାହକ ପ୍ରିୟବ୍ରତ ଦାଶ କହିଛନ୍ତି ଯେ ପୂର୍ବ ବର୍ଷମାନଙ୍କରେ ନିଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତାରୁ ସରକାର କୌଣସି ଶିକ୍ଷା ଲାଭ କରିନାହାନ୍ତି। ବାରମ୍ବାର ଏପରି ଘଟଣା ଘଟିବା ପ୍ରମାଣ କରୁଛି ଯେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବାରେ ସରକାର ସମ୍ପୂର୍ଣ୍ଣ ବିଫଳ। ଗୋଟିଏ ପଟେ 'ପରୀକ୍ଷା ପେ ଚର୍ଚ୍ଚା' ଏବଂ 'ବିକଶିତ ଭାରତ'ର ସ୍ଲୋଗାନ ଦିଆଯାଉଥିବା ବେଳେ ଅନ୍ୟପଟେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକରେ ସ୍ୱଚ୍ଛତାର ଅଭାବ ରହିଛି। ଏହି ସ୍ଲୋଗାନଗୁଡ଼ିକ ଆଜି ଛାତ୍ରଛାତ୍ରୀଙ୍କ ପାଇଁ ଅର୍ଥହୀନ ହୋଇପଡ଼ିଛି ଏତେ ବଡ଼ ବିଭ୍ରାଟ ପରେ ମଧ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ କିମ୍ବା ସମ୍ପୃକ୍ତ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଦେଶର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଓ ବିଦେଶ ଗସ୍ତକୁ ନେଇ ସଂଗଠନ ପ୍ରଶ୍ନ ଉଠାଇଛି। ଓଡ଼ିଶା ସୁରକ୍ଷା ସେନାର ଯୁବ ଶାଖା ଆବାହକ ପ୍ରିୟବ୍ରତ ଦାଶ ଏବଂ ଛାତ୍ର ଶାଖାଆବାହକ ସଂକେତ ମହାପାତ୍ର ମିଳିତ ଭାବେ ଦାବି କରିଛନ୍ତି ଯେ, ସରକାର ତୁରନ୍ତ ଏହି ଘଟଣାରେ ନୈତିକତା ରକ୍ଷା କରି ଦାୟୀ ମନ୍ତ୍ରୀ ଓ ଅଧିକାରୀଙ୍କୁ ପଦରୁ ଅନ୍ତର କରନ୍ତୁ। ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ ଏବଂ ପରୀକ୍ଷା ବ୍ୟବସ୍ଥାରେ ଏକ ସ୍ଥାୟୀ ସଂସ୍କାର ଅଣାଯାଉ ଯଦ୍ୱାରା ଆଗାମୀ ଦିନରେ କୌଣସି ଛାତ୍ରର ପରିଶ୍ରମ ବୃଥା ଯିବ ନାହିଁ। ଯଦି ସରକାର ତୁରନ୍ତ ଦୃଢ଼ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ସୁରକ୍ଷା ସେନା ରାଜ୍ୟର କୋଣ ଅନୁକୋଣରେ ଛାତ୍ର ସମାଜର ସ୍ୱାର୍ଥ ରକ୍ଷା ପାଇଁ ଡିଜିଟାଲ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ 'ଜାତୀୟ ଦାବି ଦିବସ'




ଭୁବନେଶ୍ୱର, ୧୨।୫(ସମିସ): ଭାରତର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ଆଇଏନଟିୟୁ ସି, ଏଆଇଟୁୟୁସି, ଏଚଏମଏସ, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପି ଏଫ ଓ ସ୍ୱାଧୀନ କ୍ଷେତ୍ରୀୟ ଫେଡେରେସନ ଓ ବିଭିନ୍ନ ଶ୍ରମିକ ସଂଗଠନମାନଙ୍କର ମିଳିତ ମଞ୍ଚ ଶ୍ରମିକ ଆନ୍ଦୋଳନ ପ୍ରତି ଏକତା ପ୍ରକାଶ କରି ଚଳିତ ମାସ ୧୨ ତାରିଖକୁ 'ଜାତୀୟ ଦାବି ଦିବସ' ଭାବେ ଭୁବନେଶ୍ୱର ଠାରେ ପାଳନ କରିଛନ୍ତି। ଉତ୍ତର ପ୍ରଦେଶ, ହରିୟାଣା, ନଏଡା, ମାନେସର, ଗୁରୁଗ୍ରାମ, ଫରିଦାବାଦ ଓ ଅନ୍ୟାନ୍ୟ ଶିଳ୍ପାଞ୍ଚଳରେ ଆନ୍ଦୋଳନରତ ଶ୍ରମିକମାନଙ୍କ ଉପରେ ପୋଲିସ ଦମନ, ଗିରଫ ଓ ଭୟଭୀତ କରିବାର ଘଟଣାକୁ ଯୁକ୍ତ ମଞ୍ଚ ତୀବ୍ର ନିନ୍ଦା କରିଛି। କର୍ପୋରେଟ୍ ସ୍ୱାର୍ଥରେ ସରକାରୀ ଯନ୍ତ୍ରଣା ଶ୍ରମିକଙ୍କ ଗଣତାନ୍ତ୍ରିକ ଅଧିକାରକୁ ଦମନ କରୁଛି ବୋଲି ଅଭିଯୋଗ କରାଯାଇଛି। ଗତ କିଛି ମାସ ଧରି ଉତ୍ତର ଓ ମଧ୍ୟ ଭାରତରେ ଚୁକ୍ତିଭିତ୍ତିକ ଓ ଅନିୟମିତ ଶ୍ରମିକଙ୍କ ଉପରେ ଚାଲିଥିବା ଶୋଷଣ ବିରୋଧରେ ଶ୍ରମିକମାନଙ୍କ ଆନ୍ଦୋଳନ ତୀବ୍ର ହୋଇଛି। ଦୀର୍ଘ କାର୍ଯ୍ୟ ସମୟ, ଅତିରିକ୍ତ କାମ ପାଇଁ ଦରମା ନ ମିଳିବା, ବୋନସ୍, ସୁରକ୍ଷା ଓ ଚାକିରିର ନିଶ୍ଚିତତା ନ ଥିବା ପରି ସମସ୍ୟା ବିରୋଧରେ ଶ୍ରମିକମାନେ ଲଢ଼ୁଛନ୍ତି। ମିଳିତ ମଞ୍ଚ ଦାବି କରିଛି ଯେ, ଉତ୍ତର ପ୍ରଦେଶ ଓ ହରିଆଣାରେ ଘୋଷିତ ମଜୁରି ବୃଦ୍ଧି ଯଥେଷ୍ଟ ନୁହେଁ। ମହଙ୍ଗା ବୃଦ୍ଧି ପରିପ୍ରେକ୍ଷୀରେ ଶ୍ରମିକଙ୍କ ପାଇଁ ପ୍ରତିମାସ କମ୍ ସେ କମ୍ ୨୬ ହଜାର ଟଙ୍କା ନ୍ୟୁନତମ ମଜୁରି ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଛି। ଏହି ଦାବି ଦିବସରେ ଆଇଏନଟିୟୁସିର ସତ୍ୟ ନାୟକ, ଏଆଇଟିୟୁସିର ନେତା ବିଜୟ ଜେନା, ସୁର ଜେନା, ଏଚଏମଏସର ନେତା ଭୁବନନାଦ ମହାପାତ୍ର, ଅରୁଣ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଲୋକନାଥ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ



ଭୁବନେଶ୍ୱର, ୧୨।୫(ସମିସ): ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ସାଂସଦ କମ୍ରେଡ୍ ଲୋକନାଥ ଚୌଧୁରୀଙ୍କ ପୁଣ୍ୟତିଥି ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ଦଳର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ୨୩ତମ ସ୍ମୃତି ସମାରୋହ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଲୋକନାଥ ଚୈଧୁରୀଙ୍କ ବହୁମୂଖୀ ପ୍ରତିଭାର ସୂଚନା ଦେଇଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଏହି ଅବସରରେ କମ୍ରେଡ୍ ଲୋକନାଥ ଚୈଧୁରୀଙ୍କ ସ୍ମୃତି ଚାରଣ କରି ସମସ୍ତ ଧର୍ମ ନିରପେକ୍ଷ, ଗଣତାନ୍ତ୍ରୀକ ଓ ବାମପନ୍ଥୀ ଶକ୍ତି ଐକ୍ୟବଦ୍ଧଭାବେ ଏହାର ପ୍ରତିବାଦ କରିପାରିଲେ ଲୋକନାଥ ଚୈଧୁରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଏହି ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କାନୁନଗୋ, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ବିଶ୍ୱ ଶିକ୍ଷକ ସଂଘ ସଭାପତି ଡ. ଅମୀୟ କୁମାର ମହାନ୍ତି, ସାମ୍ବାଦିକ ସୁରେନ୍ଦ୍ର ସାହୁ, ସ୍ତମ୍ଭକାର ସତୀଶ ମିଶ୍ର, ବିଦ୍ୟୁତ କର୍ମଚାରୀ ନେତା ସତ୍ୟବାଦୀ ବାଘ ଓ ପରମାନନ୍ଦ ବେହେରା, ପ୍ରଫୁଲ୍ଲ ତ୍ରିପାଠୀ, ଖୋର୍ଦ୍ଧା ଜିଲ୍ଲା ସହ ସମ୍ପାଦକ ସୁରେନ୍ଦ୍ର ବେହେରା, ଭୁବନେଶ୍ୱର ଜୋନ ସମ୍ପାଦକ କୈଳାସ ପୁହାଣ, ରାଜ୍ୟ ପରିଷଦ ସଦସ୍ୟ ନମିତା ସାହୁ, ବିକେଏମୟୁର ଜାତୀୟ ପରିଷଦ ସଦସ୍ୟ ଶଙ୍କର ବାରିକ ପ୍ରମୁଖ ଲୋକନାଥ ଚୌଧୁରୀଙ୍କ ସ୍ମୃତି ଚାରଣ କରିଥିଲେ।

## ମଦର ପକ୍ଷରୁ ଆନ୍ତର୍ଜାତିକ ମାତୃ ଦିବସ

ଭୁବନେଶ୍ୱର, ୧୨।୫(ସମିସ): ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଆନ୍ତର୍ଜାତିକ ମାତୃ ଦିବସ ପାଳିତ ହୋଇଛି। ଜୟଦେବ ଭବନଠାରେ ଆୟୋଜିତ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ ପାଳନ ସହ ମଦର ସମ୍ମାନ ୨୦୨୬ ମଧ୍ୟ ପ୍ରଦାନ କରଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନଙ୍କ ମଧ୍ୟରେ ଲେଖିକା ତଥା ଗବେଷିକା ମନୋରମା ବିଶ୍ୱାଳ ମହାପାତ୍ର, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ର ଏବଂ ମଦର ଅନୁଷ୍ଠାନର ଚେୟାରମ୍ୟାନ୍ ଅବସରପ୍ରାପ୍ତ ପ୍ରମୁଖ ଆୟକର ଅଧିକାରୀ ଶରତ କୁମାର ଦାଶ ଉପସ୍ଥିତ ଥିଲେ। ଓଡ଼ିଶୀ ସଙ୍ଗୀତ ବିଶାରଦ ତଥା ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଶ୍ରେଷ୍ଠ ମା' ସମ୍ମାନରେ ସମ୍ମାନିତ କରଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମାସିକ ମୁଖପତ୍ର ମଦର ୱିସଡମ୍ ନିଉଜ ଲେଟର ଉନ୍ମୋଚିତ କରଯାଇଥିଲା। ଶିଶୁ ପ୍ରତିଭା ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ଏବଂ ଓଡ଼ିଆଣୀ ପ୍ରତିଯୋଗିତାର ବିଜୟୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଓମ୍ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## କଳାମଣ୍ଡଳର ନିର୍ମାଣ ତୁରନ୍ତ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨।୫(ସମିସ): ଭୁବନେଶ୍ୱର ସୈନିକ ସ୍କୁଲ ନିକଟରେ ନିର୍ମାଣାଧୀନ କଳାମଣ୍ଡଳ ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସଂସ୍କୃତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିକୁ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ କଳା ମଣ୍ଡଳ ବୁଲି ଦେଖିବା ସହ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଇଡ୍‌କୋର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୧୭୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା କଳାମଣ୍ଡଳ କମ୍ପ୍ଲେକ୍ସରେ ୨୦୦୦ ଆସନ ବିଶିଷ୍ଟ ଅଡିଟୋରିୟମ୍ ଏବଂ ୫୦୦ ଆସନ ବିଶିଷ୍ଟ ଏକ ମୁକ୍ତାକାଶ ରଙ୍ଗମଞ୍ଚର କାର୍ଯ୍ୟ ନିର୍ମାଣାଧୀନ ରହିଛି। ସମୀକ୍ଷା ବୈଠକରେ ସଂସ୍କୃତି ବିଭାଗର ସଚିବ ଡ. ବିଜୟକେତନ ଉପାଧ୍ୟାୟ, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦରବୃଦ୍ଧି ପ୍ରତିବାଦରେ ବର୍ଷିଲା ହିନ୍ଦ ମଜଦୁର ସଭା

# ତୁରନ୍ତ ସର୍ବନିମ୍ନ ମଜୁରି ବୃଦ୍ଧି ପାଇଁ ଦାବି

ଭୁବନେଶ୍ୱର, ୧୨।୫(ସମିସ): ମହଙ୍ଗାଇ ମାଡ଼ରୁ ବଞ୍ଚିବା ପାଇଁ ପେଟ୍ରୋଲ-ଡିଜେଲ କମ ବ୍ୟବହାର ସହ କମ ତେଲ ଖାଇବା ଓ ସୁନା କିଣା ବନ୍ଦ କରିବାକୁ ପ୍ରଧାନମନ୍ତ୍ରୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଦରଦାମ ବୃଦ୍ଧିକୁ ରୋକିବାରେ ସରକାର ବିଫଳ ହୋଇ ଲୋକଙ୍କୁ ନିଜେ ନିଜ ଦାୟିତ୍ୱ ନେବା ଆବଶ୍ୟକ ବୋଲି କହିଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଦେଶରେ ଦରଦାମ ବୃଦ୍ଧି ଓ ଉତ୍କଟ ବେକାରି ସମସ୍ୟା ଉଭା ହୋଇଛି, ଯାହା ଏବେ ପ୍ରତିଫଳିତ ହେଉଛି ବୋଲି କହି ବିଜେପି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଆଠଗଡ଼ ବିଧାୟକ ତଥା ହିନ୍ଦ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ମଙ୍ଗଳବାର ସଂଗଠନ ପକ୍ଷରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି, ଶ୍ରମିକ ଓ ଦିନ ମଜୁରିଆ ଖଟିଲେ ଖାଇବେ। କିନ୍ତୁ ସରକାରଙ୍କ ଅପରିଣାମଦର୍ଶୀ ବିଦେଶ ନୀତି ଯୋଗୁଁ ଶ୍ରମିକ ମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ପାରୁନାହାନ୍ତି। ଲକ୍ଷ ଲକ୍ଷ ଶ୍ରମିକ ଗ୍ୟାସ କିଣି ନ ପାରି ଘରକୁ ଫେରି ଯାଉଛନ୍ତି।

ଓଡ଼ିଶାରେ ଏହି ସମସ୍ୟା ଅତ୍ୟନ୍ତ ଗମ୍ଭୀର। ଗତ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ପାଇଁ ଦୈନିକ ମଜୁରିରେ ଦଶ ଟଙ୍କାର ବୃଦ୍ଧି ଘୋଷଣା କରିଥିଲେ। କିନ୍ତୁ, ବାସ୍ତବରେ ଏହା ମଜୁରିରେ କୌଣସି ବୃଦ୍ଧି ନୁହେଁ। ଏହା ଥିଲା 'ଭିଡିଏ', ଯାହା ବୃଦ୍ଧି କରିବାକୁ ସରକାର ବାଧ୍ୟ। ଆଜିର ଦରବୃଦ୍ଧି ପରିସ୍ଥିତିକୁ ଦେଖି ଶ୍ରମିକଙ୍କ ମୂଳ ମଜୁରି ବୃଦ୍ଧି କରିବା ଆବଶ୍ୟକତା ରହିଛି। ତେଣୁ ଏହି ମଜୁରି ବୃଦ୍ଧି କେବଳ ପ୍ରତାରଣା ବ୍ୟତୀତ କିଛି ନୁହେଁ ବୋଲି ସେ କହିଛନ୍ତି। ଆଉ କିଛି ଦିନ ଗଲେ ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବେ। ହେଲେ ଏହି ଦୁଇବର୍ଷରେ କୌଣସି ମଜୁରି ବୃଦ୍ଧି ହୋଇନାହିଁ। ହେଲେ ପ୍ରତି ୬ ମାସରେ ଥରେ ଏହାକୁ ବିଚାର କରିବା କଥା। ଓଡ଼ିଶାର ଡବଲ ଇଞ୍ଜିନ ସରକାର ଅତି କମରେ ତାଙ୍କ ଦଳ ଶାସିତ ହରିୟାନା ଓ ଉତ୍ତର ପ୍ରଦେଶ ଠାରୁ ଶିଖିବା ଆବଶ୍ୟକ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଶ୍ରମିକ ମଜୁରି ଏକା ଥରକେ ୧୦୦ ପ୍ରତିଶତରୁ ଅଧିକ କରିଥିଲେ (୧୧ ଟଙ୍କାରୁ ୨୫ ଟଙ୍କା)। ନବୀନ ବାବୁ ବି ମୂଳ ମଜୁରିରେ ଏକାଥରକେ ୩୩ ପ୍ରତିଶତ ବୃଦ୍ଧି କରିଥିଲେ। ଏହା ହିଁ ଶ୍ରମିକ-ଅନୁକୂଳ ନୀତି, ଯାହା ରାଜ୍ୟ ସରକାର ଶିଖିବା ଉଚିତ ବୋଲି ସେ କହିଛନ୍ତି। ଏହାସହିତ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ କିଛି ଦାବି ରଖାଯାଇଛି। ଏଥିରେ ସର୍ବନିମ୍ନ ମଜୁରୀ ୨୬୦୦୦, ଶ୍ରମିକ ବିରୋଧୀ ଚାରି ଶ୍ରମ କୋଡ୍ ବାତିଲ କରିବା, ଟ୍ରେଡ୍ ୟୁନିଅନ୍‌ମାନଙ୍କ ସହ ତୁରନ୍ତ ତ୍ରିପକ୍ଷୀୟ ଆଲୋଚନା କରିବା, ସମାନ କାମକୁ ସମାନ ମଜୁରୀ, ଦିନକୁ ୮ ଘଣ୍ଟା କାମ, ଅତିରିକ୍ତ କାମ ପାଇଁ ଦୁଇଗୁଣା ଓଭରଟାଇମ୍ ପାରିଶ୍ରମିକ, କାର୍ଯ୍ୟସ୍ଥଳର ସୁରକ୍ଷା ସୁନିଶ୍ଚିତ କରିବା, ଶସ୍ତାରେ ଏଲପିଜି ଯୋଗାଣ ଏବଂ ଆବଶ୍ୟକୀୟ ସାମଗ୍ରୀର ଦର କମାଇବାକୁ ଦାବି କରାଯାଇଛି।

## ଭୁବନେଶ୍ୱର ସିଟି



# ଅସୁରକ୍ଷିତ ରାଜଧାନୀ

## ମଞ୍ଚେଶ୍ୱରରୁ ୨, ଜଗନ୍ନାଥ ବିହାରରୁ ଜଣେ ନାବାଳିକା ଅପହରଣ ଅଭିଯୋଗ

■ ବଢ଼ିଚାଲିଛି ଅପହରଣ ଓ ନିଖୋଜ ମାମଲା
■ ପୋଷ୍ଟର ଲଗାଇଲା ପୁଲିସ

ଭୁବନେଶ୍ୱର, ୧୨।୫(ସମିସ): ରାଜଧାନୀର ବିଭିନ୍ନ ଅଞ୍ଚଳରୁ ୩ ଜଣ ନାବାଳିକା ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ସେଥିମଧ୍ୟରୁ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ୨ନାବାଳିକା ନିଖୋଜ ହୋଇଛନ୍ତି। ତାଙ୍କୁ କେହି ଅପରହଣ କରି ନେଇଥିବା କୁହାଯାଉଛି। ଅଭିଯୋଗକୁ ଭିତ୍ତି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ସେ ନିଖୋଜ ହୋଇଛନ୍ତି। କୁଆଡେ ଯାଇଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ରାଜଧାନୀରେ ବେଳକୁ ବେଳ ନିଖୋଜ ଓ ଅପହରଣ ବଢ଼ିବାରେ ଲାଗିଛି। ତେଣୁ ଏହି ଘଟଣାକୁ ଗୁରୁତର ସହ ନେଇ ଆଜି ଜଣେ ନିଖୋଜ ନାବାଳିକା ପାଇଁ କମିସନରେଟ ପୁଲିସ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଛି। ନିଖୋଜ ନାବାଳିକ ଜଣକ ଭରତପୁର ଜଗନ୍ନାଥ ବିହାରରେ ରହୁଥିଲେ। ତାଙ୍କ ଉଚ୍ଚତା ୫ ଫୁଟ ୩ ଇଞ୍ଚ। ସେ ଗତ ମାର୍ଚ୍ଚ ୧୪ ତାରିଖରୁ ନିଖୋଜ ଅଛନ୍ତି। ଗତ ମାର୍ଚ୍ଚ ୧୪ ତାରିଖରେ ଘରୁ ବାହାରକୁ ଆସି ଆଉ ଫେରି ନଥିଲେ। ପରିବାର ଲୋକ ତାଙ୍କ ସମ୍ପର୍କୀୟ ଓ ନାବାଳିକାଙ୍କ ସାଙ୍ଗସାଥୀ ଘର ଖୋଜାଖୋଜି କରି ନିରାଶ ହେବା ପରେ ଭରତପୁରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକା ଜଣକ ନିଖୋଜ ଅଛନ୍ତି କି ତାଙ୍କୁ କିଏ ଅପହରଣ କରିଛି ସେନେଇ ତନାଘନା ଚଳାଇଛି ପୁଲିସ। ଆଜି କମିସନରେଟ ପୁଲିସ ନିଖୋଜ ନାବାଳିକାଙ୍କ ଫଟୋ ଜାରି କରି ତାଙ୍କ ସମ୍ପର୍କରେ ଯଦି କିଏ ସୂଚନା ପାଆନ୍ତି ତେବେ ଭରତପୁର ଥାନାକୁ ସୂଚନା ଦେବା ପାଇଁ ନିବେଦନ କରିଛନ୍ତି।

## କଲେଜ ଛାତ୍ରୀଙ୍କୁ କାର୍‌ରେ ଟେକିନେଲେ

■ କଟକରେ ନେଇ ଦୁଇ ଦି'ନ ରଖିଥିଲା
■ ବାଳକାଟିରୁ ଛାତ୍ରୀ ଉଦ୍ଧାର; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୨।୫ (ସମିସ): ରାଜଧାନୀରୁ କଲେଜ ଛାତ୍ରୀଙ୍କୁ କାରରେ ଟେକି ନେଲେ। କଟକରେ ଦୁଇ ଦିନ ରଖିବା ସହ ମାରପିଟ୍ ମଧ କଲେ। ସହିଦନଗର ଥାନା ପୁଲିସ ଚଢ଼ଉ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ପାଣ୍ଡରାର ପ୍ରତାପ ସେଠୀ ଓରଫ୍ ପପୁ (୩୪)।

ପୁଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧାର ଜଣେ ଯୁବତୀ ରାଜଧାନୀର ଏକ ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ (ବାଣିଜ୍ୟ) ପଢୁଥିଲେ। ସେ ସକାଳ ସମୟରେ ପରୀକ୍ଷା ଦେବାକୁ ତାଙ୍କ ବାପାଙ୍କ ସହିତ କଲେଜକୁ ଆସିଥିଲେ। ପରୀକ୍ଷା ଦେବାପରେ ସାଙ୍ଗ ଫୋନରୁ କଲ୍ କରି ବାପାଙ୍କୁ ଡକାଇଥିଲେ। ଠିକ୍ ସେହି ସମୟରେ ପ୍ରତାପ ମାସ୍କ ପିନ୍ଧି ଏକ କାରରେ ଆସି ତାଙ୍କୁ ଠିକଣା ପଚାରିବାକୁ ପାଖକୁ ଡାକିଥିଲା। ଛାତ୍ରୀ ଜଣକ ପାଖକୁ ଯିବା ପରେ ପ୍ରତାପ ତାଙ୍କ ପାଟି ବନ୍ଦ କରି କାର୍ ଭିତରକୁ ଟେକି ନେଇଥିଲା। ରାଜଧାନୀରୁ ଅପହରଣ କରି ନେଇ ୪୨ ମୌଜାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ନେଇ ଯାଇଥିଲା।

ସେଠାରେ ଛାତ୍ରୀଙ୍କୁ ମାଡ଼ ମାରିବା ସହ ପ୍ରେମ ନିବେଦନକୁ ସ୍ୱୀକାର କରିବା ସହ କେହି ଅପହରଣ କରିନାହାନ୍ତି ବୋଲି କହିବାକୁ କହିଥିଲା। ଏଥିସହିତ ନିଜ ଇଛାରେ ଆସିଥିବାର କହିବାକୁ କହିଥିଲା। ଛାତ୍ରୀ ଜଣକ ବାଧ ହୋଇ ସେସବୁ କଥା କହୁଥିବା ବେଳେ ପ୍ରତାପ ଭିଡିଓ ରେକର୍ଡିଂ କରିଥିଲା। ଏଥିସହିତ ଅପହରଣ କରିଥିବା କଥା ବାହାରେ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲ। ସେଠାରେ ୨ ଦିନ ରଖିବା ପରେ ପ୍ରତାପ ତାଙ୍କୁ ବାଳକାଟି ନିକଟରେ ଛାଡ଼ି ଦେଇଥିଲା। ସେଠାରୁ ସହିଦନଗର ଥାନା ପୁଲିସ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ଆଜି ପ୍ରତାପକୁ କୋର୍ଟ ଚାଲାଣ କରିଛି।

## ପ୍ରେମ ବିବାଦରୁ ଛାତ୍ରଙ୍କୁ ଅପହରଣ

■ ପ୍ରଥମ ପ୍ରେମିକକୁ ଉଠାଇନେଲେ ଦ୍ୱିତୀୟ
■ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡ଼ିଲା ପୁଲିସ

ଯାଁଳା, ୧୨।୫(ସମିସ): ଏକ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଦୁଇ ଜଣ ଛାତ୍ରଙ୍କୁ ଅପରହରଣ କରି ସଂଘବଦ୍ଧ ଆକ୍ରମଣ କରିବା ଘଟଣା ଯାଁଳା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ଜଣକ ହେଲେ ଯାଜପୁରର ରଞ୍ଜନ ବେହେରା। ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ରଞ୍ଜନ ଓ ତାଙ୍କ ସାଙ୍ଗକୁ ଆକ୍ରମଣ କରି କାର୍‌ରେ ଉଠାଇ ନେଇ ଏକ ପରିତ୍ୟକ୍ତ ଘରେ ଅଟକ ରଖିଥିବା ଇନଫୋସିଟି ଥାନାରେ ଅଭିଯୋଗ ହୋଇଛି। ଇନଫୋସିଟି ଥାନା ପୁଲିସ ସୋମବାର ରାତି ପ୍ରାୟ ୧୧ଟା ବେଳେ ଅପହରଣକାରୀମାନଙ୍କ କବଳରୁ ଦୁଇ ଛାତ୍ରଙ୍କୁ ଉଦ୍ଧାର କରି ଏକ ମାମଲା ରୁଜୁ କରିଛି। ମଙ୍ଗଳବାର ଅପହରଣକାରୀ ୮ ଜଣଙ୍କୁ ନୋଟିସ ଦେଇ ଛାଡିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ଗଙ୍ଗପଡ଼ା ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜନୈକା ଛାତ୍ରୀ ପାଠ ପଢ଼ନ୍ତି।ରଞ୍ଜନ ସେଠାରେ ପାଠ ପଢୁ ନଥିଲେ ମଧ ବହୁ ସମୟରେ ତାଙ୍କ ସାଙ୍ଗ ମାନଙ୍କ ସହ ସେହି ଅଞ୍ଚଳରେ ରହୁଥିଲେ। ତେଣୁ ଉକ୍ତ ଛାତ୍ରୀ ଜଣକଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ସ୍ଥାପନ ହୋଇଥିଲା। କିନ୍ତୁ ଗତ କିଛି ମାସ ହେବ ଛାତ୍ରୀ ଜଣକ ଅନ୍ୟ ଏକ ଛାତ୍ରଙ୍କ ସହ ନିୟମିତ କଥାବାର୍ତ୍ତା ହେଉଥିଲେ। ଏହି ଘଟଣା ଜାଣିବା ପରେ ରଞ୍ଜନ ଓ ଛାତ୍ରୀ ଜଣକଙ୍କ ମଧ୍ୟରେ ପ୍ରେମର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରଞ୍ଜନ ପାଖରେ ଥିବା କିଛି ଆପତ୍ତିଜନକ ଫଟୋ ଓ ଭିଡିଓ ପ୍ରଘଟ କରିବାକୁ ଛାତ୍ରୀ ଜଣକୁ ଧମକ ଦେଇଥିଲେ। କିନ୍ତୁ ଏହି ଘଟଣାକୁ ନେଇ ଛାତ୍ରୀ ଜଣକ ପ୍ରତିକ୍ରିୟାଶୀଳ ହୋଇଥିଲେ। ରଞ୍ଜନ ଉପରେ ରାଗ ଶୁଝାଇବା ଓ ଫଟୋ ଭିଡ଼ିଓ ନଷ୍ଟ କରିବା ପାଇଁ ନୂଆ ପ୍ରେମିକ ସହଯୋଗରେ ନୀଳ ନକ୍ସା ପ୍ରସ୍ତୁତ କରିଥିଲେ। ସୋମବାର ମଧ୍ୟାହ୍ନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଛାତ୍ରୀ ଜଣକ ଜଟଣୀ ଗେଟ ନିକଟକୁ ଡକାଇଥିଲେ। ରଞ୍ଜନ ଓ ତାର ଜଣେ ସାଙ୍ଗକୁ ନେଇ ଏକ ବାଇକ ଯୋଗେ ତଳଖେତା ଛକ ଜଟଣୀ ଗେଟ ନିକଟକୁ ଆସିଥିଲେ। ଆସିବା କ୍ଷଣି ପୂର୍ବରୁ ଛକି ବସିଥିବା ଛାତ୍ରୀଙ୍କ ନୂଆ ପ୍ରେମିକ ଓ ତାର ସହଯୋଗୀ ପ୍ରମୋଦ, ଦେବାଶିଷ, ଓଁକାର ଓ ବ୍ରହ୍ମାଙ୍କ ସହ ଅନ୍ୟ ୨/୩ ଜଣ ରଞ୍ଜନ ଓ ତାଙ୍କ ସାଙ୍ଗକୁ ଜନଗହଳିପୂର୍ଣ୍ଣ ସ୍ଥାନରେ ନିସ୍ତୁକ ପିଟିବା ସହ ବଳପୂର୍ବକ ଏକ କାରରେ ଅପହରଣ କରି ନେଇଥିଲେ। ଖବର ପାଇ ଇନଫୋସିଟି ଥାନା ପୁଲିସ ତୁରନ୍ତ ଘଟଣା ସ୍ଥଳକୁ ଆସିଥିଲେ ମଧ ଅପହରଣକାରୀ ମାନଙ୍କ ଟେର ପାଇ ନଥିଲେ। ଅପହରଣକାରୀମାନେ ରଞ୍ଜନ ଓ ତାର ସାଙ୍ଗକୁ ଛତାବର ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ଘରେ ରଖି ପୁଣି ନିସ୍ତୁକ ପିଟିବା ସହ ମୋବାଇଲରେ ଥିବା ଫଟୋ ଭିଡିଓ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ଅପହରଣକାରୀମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ରାତି ପ୍ରାୟ ୧୧ ଟା ବେଳକୁ ୮ ଜଣ ଅପହରଣକାରୀଙ୍କୁ ଧରିବାରେ ସଫଳ ହେବା ସହ ରଞ୍ଜନ ଓ ତାଙ୍କ ସାଙ୍ଗକୁ ଉଦ୍ଧାର କରିଥିଲେ। ୮ ଜଣ ଅପହରଣକାରୀଙ୍କୁ ନୋଟିସ ଦେଇ ଛାଡିଥିବା ଜଣାପଡ଼ିଛି। କିନ୍ତୁ ଏଭଳି ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କୁ ନୋଟିସ ଦେଇ ଛାଡିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ମାରିଜୁଆନା ମାଫିଆଙ୍କ ପାଇଁ ସୁରକ୍ଷିତ ଭୁବନେଶ୍ୱର

■ ବିମାନବନ୍ଦର ଏବେ ନିଶାଦ୍ୟବ୍ୟ ଚାଲାଣର ଗେଟ୍‌ୱେ
■ ନିଶା ବେପାରୀଙ୍କୁ ସୁହାଉଛି ଓଡ଼ିଶା ପୁଲିସର କୋହଳ ମନୋଭାବ

ଭୁବନେଶ୍ୱର, ୧୨।୫(ସମିସ)

ଭୁବନେଶ୍ୱର ବିମାନବନ୍ଦରରେ କୋହଳ ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଉଛନ୍ତି ନିଶା ବେପାରୀ। ଦେଶର ବିଭିନ୍ନ ଅଞ୍ଚଳର ନିଶା ବେପାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ନିଶାଦ୍ରବ୍ୟ ଚାଲାଣ କରୁଛନ୍ତି। ବିଶେଷକରି କୋକେନ୍, ମାରିଜୁଆନା ଭଳି ବିଦେଶୀ ନିଶାଦ୍ରବ୍ୟ ଭୁବନେଶ୍ୱର ଦେଇ କୋଲକାତା, ତାମିଲନାଡୁ ଭଳି ରାଜ୍ୟକୁ ଚାଲାଣ ହେଉଛି। ଏଭଳି ଏକ ସାଂଘାତିକ ଘଟଣା ଭୁବନେଶ୍ୱର ବିମାନବନ୍ଦରରେ ଦେଖିବାକୁ ମିଳିଛି। ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ସାଢ଼େ ୩ କୋଟି ଟଙ୍କାର ମାରିଜୁଆନା ଜବତ କରାଯିବା ପରେ ଏଭଳି ସାଂଘାତିକ ଘଟଣା ସାମ୍ନାକୁ ଆସିଛି। କେବଳ ଗୋଟିଏ ଥର ନୁହେଁ ଗତ କିଛିବର୍ଷ ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରରୁ ବାରମ୍ବାର ମାରିଜୁଆନ୍ ଜବତ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହିଘଟଣାରେ ଅଧିକାଂଶ ରାଜ୍ୟ ବାହାରର ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଅନ୍ୟ ରାଜ୍ୟର ନିଶା ବେପାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ନିଶାଦ୍ରବ୍ୟ ଚାଲାଣ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ କିଛିଦିନ ମଧ୍ୟରେ ବର୍ଷ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ କଷ୍ଟମ୍ସ ବିଭାଗ ସ୍କ୍ୱାଡ୍ ୭ ରୁ ଅଧିକ ଥର ଏହି ନିଷିଦ୍ଧ ନିଶା ମାରିଜୁଆନା ଜବତ କଲାଣି।

ଏହି ବିଦେଶୀ ନିଶାଦ୍ରବ୍ୟ ଭୁବନେଶ୍ୱର ଦେଇ ପଶ୍ଚିମବଙ୍ଗ, କେରଳ ଭଳି ରାଜ୍ୟକୁ



ଚାଲାଣ ହେଉଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି। ତେବେ ଅନ୍ୟ ରାଜ୍ୟକୁ ଚାଲାଣ ପାଇଁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ବିମାନ ବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ବେଶ ସୁହାଉଛି। ଯେଉଁଥିପାଇଁ ଚାଲାଣକାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ସୁବିଧାରେ ବିଦେଶରୁ ଏଭଳି ବିଦେଶୀ ନିଶାଦ୍ରବ୍ୟ ଆମଦାନି କରୁଛନ୍ତି।

ସେହିଭଳି ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ମାରିଜୁଆନା ଜବତ ହୋଇଛି। ସନ୍ଦିଗ୍ଧ ଯୁବକଙ୍କ ଲଗେଜ୍‌ରୁ ୩.୨ କିଲୋ ମାରିଜୁଆନା ମିଳିଥିଲା। ବ୍ୟାଙ୍କକ୍‌ରୁ ଏହି ନିଶା ଚାଲାଣ କରୁଥିବା କେରଳୀ ଯୁବକକୁ କଷ୍ଟମ୍ସ ଅଧିକାରୀମାନେ ଉଠାଇନେଇ ପଚରାଉଚରା କରିଥିଲେ। ଚାଲାଣକାରୀ କେରଳ ବାସିନ୍ଦା ହୋଇଥିବାରୁ ଜବତ ମାରିଜୁଆନା ଓଡ଼ିଶା ଦେଇ କେରଳ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଜେରା ବେଳେ କେରଳର ଏହି ଯୁବକଜଣକ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସୁଥିଲେ ଏବଂ ପରେ ଅନ୍ୟ ବିମାନ ଯୋଗେ କେରଳ ଯିବାର ଥିଲା ବୋଲି କହିଥିଲେ।

ଗତ ଜୁଲାଇ ୩୦ ତାରିଖରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ଘଟଣାରେ ମହମ୍ମଦ ଜାମ୍, ମୋହିତ ଓ ବମ୍ତିଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। କିନ୍ତୁ ସେମାନେ ବେପାରୀ ନୁହନ୍ତି ବରଂ ଚାଲାଣକାରୀ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍‌ର ତଦନ୍ତ ମୁତାବକ ମାରିଜୁଆନା ଚାଲାଣର ମାଷ୍ଟର ମାଇଣ୍ଡ ଦୁବାଇରେ ବସି ନେଟୱର୍କ ଅପରେଟ କରୁଥିବା ଜଣାପଡ଼ିଥିଲା। ମହମ୍ମଦ ଜାମ୍, ମୋହିତ ଓ ବମ୍ତି କେବଳ ଥାଇଲାଣ୍ଡର ବ୍ୟାଙ୍କକରୁ ମାରିଜୁଆନା ଆଣି ଆଗ୍ରାର ଫତେପୁର ସିକ୍ରିରେ ପହଞ୍ଚାଇ ଥାନ୍ତେ। ୩୦ କୋଟିର ମାରିଜୁଆନା ଚାଲାଣ କରି କମିସନ ବାବଦକୁ ୧୦ ପ୍ରତିଶତ ବା ୩ କୋଟି ଟଙ୍କା ନେବାକୁ ଚୁକ୍ତି ହୋଇଥିଲା। କୋଲକାତା ବିମାନବନ୍ଦରରେ କଡ଼ା ସୁରକ୍ଷା ଓ କଟକଣା ବ୍ୟବସ୍ଥା ରହିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷା ଢ଼ିଲା ନେଇ ସେମାନେ ଗେଟ୍‌ୱେ ଭାବେ ଭୁବନେଶ୍ୱର ବିମାନବନ୍ଦରକୁ ଧରି ନେଇଥିଲେ।

ସୂଚନାଯୋଗ୍ୟ ଦେଢ଼ବର୍ଷ ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୬୦କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ଅଗଷ୍ଟ ୨୩ ତାରିଖରେ କଷ୍ଟମ୍ସ ଅଧିକାରୀମାନେ ୪ କୋଟି ଟଙ୍କା ମୂଲ୍ୟର ଏହି ନିଶା ଜବତ କରିଥିଲେ। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା। ପୁଣି ସେହି ମାସରେ ଏହି ବିମାନବନ୍ଦରରୁ ୮ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। କିନ୍ତୁ ସେଥର ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ସ୍କ୍ୱାଡ୍ ହାବୁଡରେ ଗୁଜରାଟ ଅହମଦାବାଦର ଚାଲାଣକାରୀ ଯୁବକଜଣକ ଧରାପଡ଼ିଥିଲା। ସେହିପରି ଜୁଲାଇ ୩୦ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିଲା। ସେଥର କଷ୍ଟମ୍ସ ସ୍କ୍ୱାଡ୍ ଉତ୍ତରପ୍ରଦେଶର ୩ଜଣ ଯୁବକଙ୍କୁ ଗିରଫ କରିଥିଲା। ତେବେ ଓଡ଼ିଶାରୁ ଜବତ ହେଉଥିବା ଏହି ବିଦେଶୀ ନିଶାଦ୍ରବ୍ୟ ମାମଲାରେ ରାଜ୍ୟ ବାହାର ଅଭିଯୁକ୍ତ ଗିରଫ ହେଉଥିବାରୁ ଏହା ସ୍ପଷ୍ଟ ହୋଇଛି ଯେ, ଓଡ଼ିଶାର ଭୁବନେଶ୍ୱର ବିମାନବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ପାଇଁ ସେମାନେ ଏହାକୁ ବାଛି ନେଇଛନ୍ତି।

ମ୍ୟାରିଜୁଆନ ଆମଦାନି ଦୃଷ୍ଟିରୁ ଓଡ଼ିଶାରେ ମଧ ମାରିଜୁଆନ୍ ସେବନକାରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଭୁବନେଶ୍ୱରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଦେଶୀ ତଥା ରାଜ୍ୟ ବାହାରର ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରେ ସେମାନେ ଏଭଳି ନିଶାଦ୍ରବ୍ୟ ଅଧିକାଂଶ ପରିମାଣରେ ସେବନ କରୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱରରେ ମାରିଜୁଆନାର ଚାହିଦା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଚାହିଦା ବୃଦ୍ଧି ଦୃଷ୍ଟିରୁ ଯୋଗାଣ ମଧ ବୃଦ୍ଧି ପାଇଥିବା କୁହାଯାଉଛି।

## ଜମି ବିକ୍ରି ଆଳରେ ୨୨ ଲକ୍ଷ ଠକେଇ; ଜଣେ ଗିରଫ



ଭୁବନେଶ୍ୱର, ୧୨।୫ (ସମିସ): ଜମି ବିକ୍ରି ଆଳରେ ୨୨ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଛତାବରର ସନାତନ ଦାସ (୪୭)। ପୁଲିସ ସୂଚନାନୁସାରେ, ପ୍ରଭାତ କୁମାର ପଟ୍ଟନାୟକ ମେଣ୍ଢାଶାଳ ମୌଜାରେ ଏକ ଜମି କିଣିବାକୁ ଯୋଜନା କରିଥିବା ବେଳେ ସନାତନ ସହ ସମ୍ପର୍କରେ ଆସିଥିଲେ। ସନାତନ ମେଣ୍ଢାଶାଳ ଅଞ୍ଚଳରେ ଏକ ଜମି ଦେଖାଇବା ସହ ଜମିର ମୂଲ୍ୟ ୨୯ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିଲା। ଏହାପରେ ପ୍ରଭାତ ଏକ ଚୁକ୍ତିନାମା କରି ସନାତନକୁ ମୋଟ ୨୨ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ନେବାପରେ ମଧ ସନାତନ ଜମି ରେଜିଷ୍ଟ୍ରି କରିନଥିଲା କି ଅନୁରୋଧ ସତ୍ତ୍ୱେ ଟଙ୍କା ଫେରାଇ ନ ଥିଲେ। ପ୍ରଭାତ ଏନେଇ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ନୋଟାରୀ ଚୁକ୍ତିନାମା, ନୋଟାରୀକୃତ ଟଙ୍କା ରସିଦ, ବ୍ୟାଙ୍କ ଷ୍ଟେଟମେଣ୍ଟର ନକଲ ଓ ଟଙ୍କା କାରବାର ସମ୍ବନ୍ଧୀୟ ଫଟୋଗ୍ରାଫ ଜବତ କରାଯାଇଥିଲା। ସୋମବାର ରାତିରେ ଚଢ଼ଉ କରି ସନାତନକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି। ସନାତନ ନାମରେ ପୂର୍ବରୁ ଚନ୍ଦକା ଥାନାର ୩ଟି ଓ କ୍ୟାପିଟାଲ ଥାନାର ୧ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ଔଷଧ ଚୋରି ଅଭିଯୋଗରେ ଗିରଫ

ଭୁବନେଶ୍ୱର, ୧୨।୫(ସମିସ): ଔଷଧ ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅଶୋକ କୁମାର ମଙ୍ଗଳ। ତାଙ୍କ ଠାରୁ ଚୋରି ଔଷଧ ଜବତ କରାଯାଇଛି। ଅଶୋକନଗର ସ୍ଥିତ ଅମିତ ଏଜେନ୍ସିଜ୍ ମେଡିସିନ ଷ୍ଟୋରର ମ୍ୟାନେଜର ସାଧୁ ଚରଣ ପଲଟାସିଂହ (୫୮) ଙ୍କ ଲିଖିତ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଇଥିଲା। ଔଷଧ ଚୋରି ନେଇ ସେ ପୂର୍ବରୁ ମଧ ଗିରଫ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨୮ ତାରିଖ ସନ୍ଧ୍ୟା ପ୍ରାୟ ୬.୪୭ ସମୟରେ, ଭୁବନେଶ୍ୱର ଅଶୋକନଗରସ୍ଥିତ ଅମିତ ଏଜେନ୍ସିଜ୍ ମେଡିସିନ ଷ୍ଟୋରରୁ ଜଣେ ଅଜଣା ବ୍ୟକ୍ତି ପ୍ରାୟ ୯୦ ହଜାର ଟଙ୍କାର ଦୁଇ ପେଟି ଔଷଧ ଚୋରି କରିଥିଲେ। ଉକ୍ତ ଘଟଣା ମେଡିସିନ ଷ୍ଟୋରରେ ଲାଗିଥିବା ସିସିଟିଭି କ୍ୟାମେରାରେ ସମ୍ପୂର୍ଣ୍ଣ ରେକର୍ଡ ହୋଇଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା ଏବଂ ଅଭିଯୁକ୍ତ ଆଲୋକ କୁମାର ମଙ୍ଗଳଙ୍କୁ ପୂର୍ବରୁ ସମାନ ପ୍ରକାରର ଔଷଧ ଚୋରି ମାମଲାରେ ସମ୍ପୃକ୍ତ ଥିବା ନେଇ ଚିହ୍ନଟ କରାଯାଇଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେ ଚୋରି ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅଧିକ ଯାଞ୍ଚରୁ ସେ ଚୋରି ହୋଇଥିବା ଔଷଧଗୁଡ଼ିକୁ କଟକ ଜୋବ୍ରା ସେଟଲମେଣ୍ଟ ଅଫିସ ନିକଟସ୍ଥ ସାଇ ଶୁଭମ୍ ମେଡିସିନ ଷ୍ଟୋରରେ ବିକ୍ରି କରିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପୁଲିସ ଉକ୍ତ ଦୋକାନରୁ ଚୋରି ହୋଇଥିବା କିଛି ଔଷଧ ଉଦ୍ଧାର କରି ଜବତ କରିଥିଲେ। ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ତାଙ୍କ ବିରୋଧରେ ପୂର୍ବରୁ ଖାରବେଳନଗର ଥାନା, ମାର୍କେଟନଗର ଥାନା, କ୍ୟାପିଟାଲ ଥାନା, ସିଡିଏ ଫେଜ୍-୨ ଥାନା ଏବଂ ଲାଲବାଗ ଥାନାରେ ମୋଟ ୫ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ୭ମ ବାଟାଲିୟନ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨।୫(ସମିସ):ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁରକ୍ଷା ପକ୍ଷରୁ ଇନଫୋସିଟି ନିକଟସ୍ଥ ନନ୍‌ଭେଜ ୱାର୍ଲ୍ଡ ପରିସରରେ ୭ମ ବାଟାଲିୟନର ଚାକିରିରୁ ଅବସର ଗ୍ରହଣ କରିଥିବା କର୍ମଚାରୀ ବିଚିତ୍ରାନନ୍ଦ ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସୁରକ୍ଷାର ଉପଦେଷ୍ଟା ସୁଧାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନନ୍‌ଭେଜ ୱାର୍ଲ୍ଡର ପ୍ରତିଷ୍ଠାତା ମନୋଜ କୁମାର ସାହୁ, ସୁରକ୍ଷା ସମ୍ପାଦକ କେଶବ ରଣା, ବରିଷ୍ଠ ସଭ୍ୟ ପଦ୍ମଲୋଚନ ସାହୁ, ଦେବ ଚୌଧୁରୀ, ପ୍ରଶାନ୍ତ ଦାସ, ବିଜୟ ଦାସ, ଲୋଚନ ପ୍ରତାପ ସିଂ, ରାଜେନ୍ଦ୍ର ନାୟକ, ସମୀର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ରାଉତରାୟଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ କର୍ମମୟ ଜୀବନ ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ହୋଇ ରହିବ ବୋଲି କହିଥିଲେ। ନିର୍ଦ୍ଦେଶିକା ମିଲି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଜନତା ସବୁ ଜାଣନ୍ତି

# ସୁନା କିଣିବାକୁ ମନା ?

ଭୁବନେଶ୍ୱର, ୧୨।୫(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସଙ୍କଟ ପାଇଁ ଏବେ ସୁନାଦର ଉପରମୁହାଁ ହୋଇଚାଲିଛି। ଏହି ଯୁଦ୍ଧ ସଙ୍କଟ ପାଇଁ ପ୍ରଧାନମନ୍ତ୍ରୀ ବର୍ଷେ ପାଇଁ ସୁନା ନକିଣିବା ପାଇଁ ଲୋକଙ୍କୁ ଅପିଲ୍ କରିଛନ୍ତି। ଯଦି ଲୋକେ ଏହି ପରିସ୍ଥିତିରେ ସୁନା ନ କିଣିବେ ତେବେ ଦରବୃଦ୍ଧି ନିୟନ୍ତ୍ରଣ ହେବ ସହିତ ବ୍ୟକ୍ତିଗତ ସଞ୍ଚୟ, ଅର୍ଥନୈତିକ ସ୍ଥିରତା, ବିଦେଶୀ ମୁଦ୍ରା ସଞ୍ଚୟ, ଡ଼ଲାର ଖସିବା ସହ ଟଙ୍କା ମଧ ବଢ଼ିବ। ହେଲେ ବିବାହ ଋତୁ ଚାଲିଥିଲେ ମଧ ଲୋକେ ଅଧିକ ମାତ୍ରାରେ ନହେଲେ ନାହିଁ ଅଳ୍ପ କିଛି ଟଙ୍କାରେ ସୁନା କିଣାବିକା କରୁଛନ୍ତି।



ବାହାଘର ଋତୁରେ ସୁନା ଦର ଆକାଶଛୁଆଁ ହେଉଥିବାରୁ ସାଧାରଣ ଲୋକ ଚିନ୍ତାରେ ପଡ଼ିଛନ୍ତି। ଏହି ପରିସ୍ଥିତିରେ ଅନେକେ ସୁନା କିଣିବାକୁ ମନା କରୁଛନ୍ତି। ପୂର୍ବରୁ ଯେତେ ସୁନା କିଣାଯାଉଥିଲା, ଏବେ କେବଳ ଅତି ଆବଶ୍ୟକ ଅନୁଯାୟୀ କିଣିବା ଦରକାର। ସୁନା ନ ଥିଲେ ବି ବିବାହ ସୁନ୍ଦର ଭାବେ ହୋଇପାରେ। ରୁପା କିମ୍ବା ଅନ୍ୟ ଉପଯୋଗୀ ଉପହାର ଦେଇ ସରଳ ଓ ସୁନ୍ଦର ବିବାହର ଉଦାହରଣ ସୃଷ୍ଟି କରାଯାଇପାରେ। ଆଜିର ସମୟରେ ସୁନା ଦର ବଢ଼ିଥିବାରୁ ମଧ୍ୟବର୍ଗୀୟ ପରିବାର ଉପରେ ଅର୍ଥନୈତିକ ଚାପ ବଢୁଛି। କେବଳ ସମାଜ କଣ କହିବ ଭାବି ଋଣ କରି ସୁନା କିଣିବା ଠିକ୍ ନୁହେଁ। ଯେତିକି ସମ୍ଭବ ସେତେକି କରିବା ଦରକାର। ପୁଅ ଓ ଝିଅଙ୍କ ଭଲ ଭବିଷ୍ୟତ, ଶିକ୍ଷା ଓ ସୁଖୀ ଜୀବନ ସୁନାରୁ ଅଧିକ ମୂଲ୍ୟବାନ। ତେଣୁ ଦେଖାଦେଖି ଠାରୁ ଅଧିକ ପରିବାରର ସାମର୍ଥ୍ୟ ଓ ଶାନ୍ତିକୁ ପ୍ରାଥମିକତା ଦେବା ଆବଶ୍ୟକ।

-ଶୈଳବାଳା ନାୟକ, ଗୃହିଣୀ



ଘରର ଆୟକୁ ଦେଖି ବ୍ୟୟ କରିବା ଦରକାର। ସୁନା ଦର ବଢ଼ିଲେ ବିବାହ ଖର୍ଚ୍ଚ ସମ୍ଭାଳିବା ଅନେକ ପରିବାର ପାଇଁ ଅତ୍ୟନ୍ତ କଷ୍ଟକର ହୋଇଯାଏ। ଅନେକ ବାପା ମା ନିଜ ଇଚ୍ଛାକୁ ମାରି ବର୍ଷ ବର୍ଷ ଧରି ଟଙ୍କା ସଞ୍ଚୟ କରନ୍ତି କେବଳ ପୁଅ କିମ୍ବା ଝିଅର ବିବାହ ପାଇଁ। ଏମିତି ସମୟରେ ଅଧିକ ସୁନା କିଣିବାର ଚାପ ମାନସିକ ଚିନ୍ତାକୁ ଆଉ ବଢ଼ାଇ ଦିଏ। ଘରର ଶାନ୍ତି ଓ ସମ୍ପର୍କ ଭଲ ରହିବା ସୁନାରୁ ଅଧିକ ମୂଲ୍ୟବାନ। ଜଣେ ଗୃହିଣୀ ସବୁବେଳେ ଚାହାନ୍ତି ଯେ ବିବାହ ପରେ ଝିଅ କିମ୍ବା ବୋହୂ ସମ୍ମାନ ଓ ସ୍ନେହ ପାଉନ୍ତୁ, ଗହଣାର ତୁଳନା ନୁହେଁ। କେବଳ ଲୋକଦେଖା ପାଇଁ ଋଣ କରି ସୁନା କିଣିଲେ ବିବାହ ପରେ ଦୀର୍ଘଦିନ ପର୍ଯ୍ୟନ୍ତ ପରିବାରକୁ ଅର୍ଥନୈତିକ ଅସୁବିଧା ଭୋଗିବାକୁ ପଡ଼େ। ଏହାର ପ୍ରଭାବ ଘରର ଦୈନିକ ଜୀବନ ଉପରେ ମଧ ପଡ଼େ।

-ସ୍ୱାଗତିକା ସ୍ୱାଇଁ, ଗୃହିଣୀ

ସୁନା ଘର ପାଇଁ ହେଉ ଅବା ବିବାହରେ କେବଳ ଆଡ଼ମ୍ବର ନୁହେଁ, ଅନେକ ପରିବାର ପାଇଁ ସମ୍ମାନ ଓ ସୁରକ୍ଷାର ପ୍ରତୀକ ମଧ ଅଟେ। ସମ୍ପୂର୍ଣ୍ଣ ସୁନା ବିନା ବିବାହ କରିବାକୁ ସମାଜ ସହଜରେ ଗ୍ରହଣ କରିନପାରେ। ବହୁତ ସ୍ଥାନରେ ଏହାକୁ ପରିବାରର ଆର୍ଥିକ ଅସମର୍ଥତା ଭାବରେ ଦେଖାଯାଏ। ଯାହାରୁ ଅନାବଶ୍ୟକ ଆଲୋଚନା ସୃଷ୍ଟି ହୋଇପାରେ। ସୁନାର ଦର ବଢ଼ିଥିଲେ ମଧ ବିବାହର ପରମ୍ପରାକୁ ପୂରାପୂରି ବଦଳାଇବା ସହଜ ନୁହେଁ। ରୁପା ଦେଇ ବିବାହ କରାଯାଇପାରେ କିନ୍ତୁ ସମାଜର ଚିନ୍ତାଧାରା ବଦଳିବାକୁ ଅଧିକ ସମୟ ଲାଗିବ।

-ସୁଶ୍ରୀ ସଙ୍ଗୀତା ସାହୁ, କର୍ମଜୀବୀ



ଏଇ ଗୋଟେ ସପ୍ତାହ ତଳେ ଭଉଣୀର ବାହାଘର ଯାଇଛି। ଦର ବଢ଼ିଥିଲେ ମଧ ଭଉଣୀ ସୁନା କିଣା ଯାଇଛି। ଏବେ ସୁନା ଦର ଯେତିକି ଅଛି ତା ଠାରୁ ରୂପା ଅଧିକ ରହିଛି। ହେଲେବି ସୁନା, ରୁପା ଦୁଇଟାକୁ କିଣିବାକୁ ପଡ଼ିଥିଲା। ଏବେ ଯୁଦ୍ଧ ପାଇଁ ସୁନା ଦର ଉପରମୁହାଁ ହୋଇଛି। ଦର ଅଧିକ ହେଲେ ବି ଅଧିକ ମାତ୍ରାରେ ନହେଲେ ବି କିଛି ମାତ୍ରା ରେ ସୁନା କିଣିବାକୁ ପଡୁଛି। ଏବେ ଯଦି ଝିଅ ହେଉ ଅବା ପୁଅକୁ ସୁନା ନଦେଇ ରୂପା ଦିଆଯାଏ ତେବେ ଲୋକଙ୍କ ଆଖିକୁ ଦେଖାଯିବନି। ଖଣ୍ଡେ ସୁନା ଦିଆହେଇନି ବୋଲି ପରିବାର ଉପରକୁ କଥା ଉଠାଇଦେବେ। ଯେଉଁଥିପାଇଁ ସୁନା ଅଧିକ ଟଙ୍କା ହେଉ ଅବା ଅଳ୍ପ କିଛି ମାତ୍ରାରେ କିଣିବାକୁ ପଡ଼ିବ।



-ସତ୍ୟଜିତ ପଣ୍ଡା, କର୍ମଜୀବୀ



# ଭୁବନେଶ୍ୱର ସିଟି

## ଆଇଆଇଡବ୍ଲ୍ୟୁଏମର ପ୍ରତିଷ୍ଠା ଦିବସ

# ଭୂଜଳ ସ୍ତର ହ୍ରାସ ରୋକିବାକୁ ହେବ

ଭୁବନେଶ୍ୱର, ୧୨।୫(ସମିସ)



ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ୩୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରି କହିଥିଲେ ଯେ ଭୂତଳ ଜଳ ସ୍ତର ହ୍ରାସ ଏକ ବଡ ଚିନ୍ତାର କାରଣ। ଆମ ସମସ୍ତଙ୍କ ମିଳିତ ପ୍ରୟାସରେ ଭୂଜଳ ସ୍ତର ହ୍ରାସ ରୋକିବାକୁ ହେବ। ଆଇଆଇଡବ୍ଲ୍ୟୁ ଏମ ଦ୍ୱାରା ବିକଶିତ କୃତ୍ରିମ ଭୂଜଳ ଭରଣ ଟେକ୍ନୋଲୋଜି ଏ ଦିଗରେ ନିଶ୍ଚୟ ସହାୟକ ହେବ। ଆଇସିଏଆର ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବର୍ଷା ଜଳ ସଂରକ୍ଷଣ କରି ସେଥିରେ କୃଷି କାର୍ଯ୍ୟ ସହିତ ମାଛ ଚାଷ ଦ୍ୱାରା ଚାଷୀ ତାଙ୍କର ଆୟକୁ ବହୁ ଗୁଣିତ କରି ପାରିବେ ବୋଲି ମତ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଶା ସରକାରଙ୍କ କୃଷି ବିଭାଗର ମୁଖ୍ୟ ଯନ୍ତ୍ରୀ ଇଞ୍ଜିନିୟର ବିଷ୍ଣୁ ପ୍ରସାଦ ମିଶ୍ର ଉପସ୍ଥିତ ରହିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡଙ୍ଗୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ତାଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୧ ଜଣ ଶ୍ରେଷ୍ଠ କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କର୍ଷ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବୈଜ୍ଞାନିକ ଓ ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରଯାଇଥିଲା। ପ୍ରତିଷ୍ଠାନରୁ ପ୍ରକାଶିତ ବିଭିନ୍ନ ଟେକ୍ନୋଲୋଜି ବୁଲେଟିନକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଅପରାହ୍ନରେ ଏକ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ସଂସ୍ଥାର କର୍ମଚାରୀଙ୍କ ଦ୍ୱାରା ଜଳ ତରଙ୍ଗ ନାମରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଓଡ଼ିଶାରେ ଅବସ୍ଥିତ ବିଭିନ୍ନ ଆଇସିଏଆର ସଂସ୍ଥାର ମୁଖ୍ୟ, ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀ, ବୈଜ୍ଞାନିକ, ବୈଷୟିକ ଅଧିକାରୀ, ପ୍ରଗତିଶୀଳ କୃଷକ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପରିଶେଷରେ ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ, ଡକ୍ଟର ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

# ମଦ ବନ୍ଦ, ଡ୍ରେନ୍ ନିର୍ମାଣ, ଟ୍ରାଫିକ ସମସ୍ୟାର ସମାଧାନ କରାଯାଉ

ଭୁବନେଶ୍ୱର, ୧୨।୫(ସମିସ): ମାଦକ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ, ଓମଫେଡ୍ ଓ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ବନ୍ଦ ଦର ବୃଦ୍ଧି, ବର୍ଷା ପୂର୍ବରୁ ଡ୍ରେନ୍ ନିବର୍ମାଣ ଓ ମରାମତି ସମ୍ପୂର୍ଣ୍ଣ, ବୁଲା କୁକୁର ଓ ଷଣ୍ଢ ଉପଦ୍ରବ ବନ୍ଦ ପାଇଁ ପଦକ୍ଷେପ ଗ୍ରହଣ, ବ୍ୟାପକ ବୃକ୍ଷରୋପଣ, ଟ୍ରାଫିକ ସମସ୍ୟାର ସମାଧାନ, ସମସ୍ତ ଟ୍ରାଫିକ ଛକ ଓ ବସିବା ପାଇଁ ଉଦ୍ଦିଷ୍ଟ ସ୍ଥାନରେ ସେଡ୍ ନିର୍ମାଣ ଦାବିରେ ଏଆଇଏମ୍‌ଏସ୍‌ଏସ୍ ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ଏଡିଏମ୍‌ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।




ସୂଚନା ଅନୁସାରେ, ଦିନକୁ ଦିନ ରାଜ୍ୟରେ ଅପରାଧ ସଂଖ୍ୟା ବୃଦ୍ଧି ପାଇ ରାଜ୍ୟ ଅପରାଧୀଙ୍କ ଆଡ୍ଡା ସ୍ଥଳୀ ହୋଇପଡ଼ିଛି। ଧର୍ଷଣ, ଗଣଧର୍ଷଣ, ହତ୍ୟା ପରି ଅତି ଅମାନୁଷିକ କାଣ୍ଡ ସାରା ରାଜ୍ୟରେ ପ୍ରତିଦିନ ଘଟି ଚାଲିଛି ଯାହାର ପ୍ରତ୍ୟେକ୍ଷ ଓ ପରୋକ୍ଷ କାରଣ ଅବାଧ ମଦ ଓ ବିଭିନ୍ନ ପ୍ରକାରର ମଦକଦ୍ରବ୍ୟ ବୋଲି ଅଭିଯୋଗ ହେଉଛି। ସେହିପରି କୁକୁର ଓ ଷଣ୍ଢଙ୍କ ଆକ୍ରମଣରେ ଅମୂଲ୍ୟ ଜୀବନ ହାନି ପରି ଘଟଣା ଘଟୁଛି। ତେଣୁ ବୁଲା କୁକୁର ଓ ବିଶେଷ କରି ଷଣ୍ଢ ମାନଙ୍କର ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରାଯିବା ଅତ୍ୟନ୍ତ ଜରୁରୀ। ବର୍ଷା ଋତୁ ପୂର୍ବରୁ ଡ୍ରେନ୍ ସମସ୍ୟା ସମାଧାନ ନ କରିଲେ ପୁନର୍ବାର ଅଘଟଣ ଘଟିବା ଆଶଙ୍କା ରହିଥିବା ବେଳେ ଟ୍ରାଫିକ ସମସ୍ୟା ସମାଧାନ ଓ ବିଶ୍ରାମ ସ୍ଥଳୀରେ ସେଡ ନିର୍ମାଣ ଆବଶ୍ୟକତାକୁ ସରକାର ଧ୍ୟାନ ଦିଅନ୍ତୁ ବୋଲି ସଙ୍ଗଠନର ସଭାନେତ୍ରୀ ବିଜୟାଲକ୍ଷ୍ମୀ ପାତ୍ର, ସଙ୍ଗଠନର ଉପସଭାନେତ୍ରୀ ପ୍ରବାସିନୀ ରାଉଳ, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ସଞ୍ଜୁକ୍ତା ସାମଲ, ଟୁନି ଦେହୁରୀ ପ୍ରମୁଖ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି।

# ବିଜେଡି ପକ୍ଷରୁ ଭୀମ ଭୋଇଙ୍କ ଜୟନ୍ତୀ




ଭୁବନେଶ୍ୱର, ୧୨।୫(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ମଙ୍ଗଳବାର ବିଧାନସଭା ପାର୍ଶ୍ୱରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହାକୁ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରଙ୍ଗାଧର ସାହୁ, କାଳନ୍ଦୀ ସାମଲ, ଚୈତନ୍ୟ ତ୍ରିପାଠୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ଜୟକୃଷ୍ଣ ସାମନ୍ତରାୟ, ସମାଜ ସେବୀ ମନୋରଞ୍ଜନ ମହାନ୍ତି, ଶରତ ସ୍ୱାଇଁ, କ୍ଷୀରୋଦ ମହାପାତ୍ର, ଅକ୍ଷୟ ଦଳେଇ, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରି ସନ୍ଥ ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜୟନ୍ତୀରେ ସନ୍ଥକବିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୨।୫(ସମିସ): ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ଅବସରରେ ଆଜି ବାଚସ୍ପତି ସୁରମା ପାଢ଼ୀ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସନ୍ଥକବିଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସନ୍ଥକବି ଭୀମଭୋଇ ହେଉଛନ୍ତି ଆମ ଓଡ଼ିଆ ଜାତି ପାଇଁ ଆଦର୍ଶ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସନ୍ଥକବି ଭୀମଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କଳିଙ୍ଗ ବିହାରରେ ପଣା ବଣ୍ଟନ



ବଡ଼ରଘୁନାଥପୁର, ୧୨।୫(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ହେଲ୍ପ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ କଳିଙ୍ଗ ବିହାର ଠାରେ ୨୦୦୦ ଲୋକଙ୍କୁ ଦହି ପଣା ବଣ୍ଟନ କରାଯାଇଛି। ଏହାର ସାଧାରଣ ସମ୍ପାଦିକା ଚିତ୍ରଲେଖା ଆଚାର୍ଯ୍ୟଙ୍କ ନେତୃତ୍ୱରେ ସକାଳ ୯ ଠାରୁ ଦିନ ୪ ଟା ପର୍ଯ୍ୟନ୍ତ ଦହି ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ କାଳୀପ୍ରସାଦ ମିଶ୍ର, ଅନ୍ୟତମ ଅତିଥି ଭାବେ ଯୁବ ନେତା ବିକ୍ରମ କେଶରୀ ଦେବ ମିଶ୍ର, ସୁମିତ୍ରା ମ୍ୟାଡାମ୍, ଉପସଭାପତି ବିଶ୍ୱରଞ୍ଜନ ଧଳ, ସହସମ୍ପାଦିକା ମଧୁସ୍ମିତା ଧଳ ଓ ସସ୍ମିତା ପଟ୍ଟନାୟକ, ମନରଞ୍ଜନ ମହାନ୍ତି, ଅଞ୍ଜନ କୁମାର ସାହୁ, ସୁକାନ୍ତ କୁମାର ମହାନ୍ତି, ମମତା ପଟ୍ଟନାୟକ, ତମସା ପଟ୍ଟନାୟକ, ମହେଶ୍ୱେତା ଜେନା, ସନ୍ଧ୍ୟାରାଣୀ ନନ୍ଦ, ପ୍ରଭଞ୍ଜନ ସାମନ୍ତରାୟ, ରବିନାରାୟଣ ମହାପାତ୍ର, ବିଜୟଲକ୍ଷ୍ମୀ ନାୟକ, ଯୋଷତା ସରାଫ, ମନୋରମା ପାଢ଼ୀ, ତମଶା ପଟ୍ଟନାୟକ, ଶ୍ରୀନିବାସ ନାୟକ, ମିନତୀ ସାହୁ, ଋଷି ପ୍ରସାଦ ଭଞ୍ଜ, ସବିତା ସାହୁ, ଶାନ୍ତି ମୈତ୍ରୀ ମହାନ୍ତି, ଉପଦେଷ୍ଟା ତାପସ ପାଣି ଉପସ୍ଥିତ ଥିଲେ। ସଭାପତି ସିବୁରାଜ ମହାପାତ୍ର ଧନ୍ୟବାଦ୍ ଜଣାଇଥିଲେ।

# ଜ୍ୟୋତି ଫେଲୋସିପ୍‌ରେ ସାକାର ହେଉଛି ମେଧାବୀଙ୍କ ସ୍ୱପ୍ନ



ଭୁବନେଶ୍ୱର, ୧୨।୫(ସମିସ): ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଆଶାର ଆଲୋକ ପାଲଟିଛି ଟାଟା ଷ୍ଟିଲ ଫାଉଣ୍ଡେସନର 'ଜ୍ୟୋତି ଫେଲୋସିପ୍'। ଗତ ୧୦ ବର୍ଷରେ ରାଜ୍ୟର ୨୪ ହଜାରରୁ ଅଧିକ ଶିକ୍ଷାର୍ଥୀ ଏହି ମେଧାବୃତ୍ତିର ସୁଫଳ ପାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୫, ୮୫୭ ଜଣ ଛାତ୍ରଛାତ୍ରୀଙ୍କୁ ୫.୯୭ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାର ଅର୍ଚ୍ଚିତା ସେଠୀ ଓ ଯାଜପୁରର ତଙ୍ଗୁରୁ ପ୍ରଧାନଙ୍କ ଭଳି ଦୁର୍ଗମ ଅଞ୍ଚଳର ଅନେକ ମେଧାବୀ ଏହି ଯୋଜନା ଦ୍ୱାରା ଉଚ୍ଚଶିକ୍ଷା ଜାରି ରଖିବାର ସୁଯୋଗ ପାଇଛନ୍ତି। ଆର୍ଥିକ ଅସୁବିଧା ସତ୍ତ୍ୱେ ମେଧା ପରୀକ୍ଷାରେ ସଫଳ ହୋଇ ସେମାନେ ପାଠପଢ଼ା ଖର୍ଚ୍ଚ ନେଇ ଚିନ୍ତାମୁକ୍ତ ହୋଇପାରିଛନ୍ତି। ଜ୍ୟୋତି ଫେଲୋସିପ୍ ଅଧୀନରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମେଧାଭିତ୍ତିକ ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ଚୟନ କରାଯାଉଛି। ୧୭ଟି ବୃତ୍ତିଗତ ପାଠ୍ୟକ୍ରମ ସମେତ ବିଭିନ୍ନ ଶିକ୍ଷାକ୍ଷେତ୍ରରେ ଏହି ସହାୟତା ଦିଆଯାଉଛି। ବର୍ତ୍ତମାନ କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର ଓ ଗଞ୍ଜାମ ଜିଲ୍ଲାର ୨୩ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକରୀ ହେଉଛି। ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ପ୍ରୟାସ ଦୁର୍ବଳ ଆର୍ଥିକ ପରିବେଶରେ ଥିବା ମେଧାବୀଙ୍କ ପାଇଁ ଉଚ୍ଚଶିକ୍ଷାର ନୂଆ ଦିଗ ଖୋଲିଦେଇଛି।

# ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଭକ୍ତ ସମାବେଶ



ବାଲିପାଟଣା, ୧୨।୫(ସମିସ): କୁଶଭଦ୍ରା ନଦୀ ତଟ ବିସ୍ତୀର୍ଣ୍ଣ ପୋଲାଙ୍ଗ ତୋଟା ପରିସରରେ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ, ମା ତାରିଣୀ ଓ ବାବା ବାଲି କପିଳନାଥଙ୍କ ତିନି ଗୋଟି ମନ୍ଦିର ର ପ୍ରତିଷ୍ଠା ଉତ୍ସବ ପାଇଁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ଆଜି ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରଥମ ଦିନରେ ୩୨୧ ମହିଳା ପ୍ରାଚୀ ନଦୀର ପବିତ୍ର ତ୍ରିବେଣୀ ଘାଟରୁ ଜଳ ଉଠାଇ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କ ମନ୍ତ୍ର ଉଚ୍ଚାରଣରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଦଶମଠ ମହନ୍ତ ସୁଦର୍ଶନ ମହାରାଜ ପୂର୍ଣ୍ଣାହୁତି ଅର୍ପଣ କରିଥିଲେ। ପୋଲାଙ୍ଗ ତୋଟା ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଅମୃତ ମଣୋହି ପାଟଣା, ରୟତ ପାଟଣା, ପତିତପାବନ ପାଟଣା ଓ ଗୋଲାମହମଦ ପାଟଣା ଗ୍ରାମବାସୀଙ୍କ ସହଯୋଗରେ ପୂର୍ବତନ ସରପଞ୍ଚ ଭାଗିରଥୀ ପାତ୍ର କାର୍ଯ୍ୟକ୍ରମ ସମ୍ପାଦନାର ମୁଖ୍ୟ ଦାୟିତ୍ୱ ନେଇଥିଲେ। କାର୍ଯକ୍ରମର ବିଭିନ୍ନ ଦିବସରେ ପ୍ରବଚକ ଅସିତ୍ ଜେନା ଓ ପ୍ରାର୍ଥ ସାରଥୀ ଯୋଗଦେଇ ଲୋକଙ୍କୁ ଭକ୍ତି ମାର୍ଗ ପ୍ରଦର୍ଶନ କରାଇଥିଲେ। କୁମାର ଦିଲ୍ଲୀପ, ମାନସୀ ପାଢ଼ୀ, ରବୀନ୍ଦ୍ର ମହାପାତ୍ର ବିଭିନ୍ନ ଦିବସରେ ଭଜନ ପରିବେଷଣ କରିଥିଲେ। ଏହି ଅବସର ରେ ଯୋଗ ଗୁରୁ ଜ୍ୟୋତି ପ୍ରକାଶ ବିଶୋଇଙ୍କ ଦ୍ୱାରା ୪୫୦ ଜଣଙ୍କୁ ନେଇ ଏକ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରାଯାଇଥିଲା। ରଘୁନାଥ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ସାହୁ, ମୁରଲୀଧର ସାହୁ, ପ୍ରତାପ ସାହୁ, ରବୀନ୍ଦ୍ର ସେନାପତି, ଲକ୍ଷ୍ମଣ ମଣ୍ଡଳ, ସଞ୍ଜୟ ସାହୁ, ଭଗବାନ୍ ସାହୁ ପ୍ରମୁଖଙ୍କ ସହିତ ଶତାଧିକ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୃତ୍ୟାୟନର ବାର୍ଷିକ ଉତ୍ସବ 'ଗୁରୁଦେବ'

ଭୁବନେଶ୍ୱର, ୧୨।୫(ସମିସ): ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟାୟନ ତରଫରୁ ୩୪ତମ ବାର୍ଷିକ ଉତ୍ସବ 'ଗୁରୁଦେବ' ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ଉପସ୍ଥିତିରେ ସଭାପତି ଇଂ ରାଧାଶ୍ୟାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଓଡିଶୀ ନୃତ୍ୟ ଶିଳ୍ପୀ ତଥା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶିକା ଦୀପ୍ତି ମିଶ୍ର ଏବଂ ସାଧୁ ଟ୍ରାନ୍ସପୋର୍ଟର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା 'ସର୍ବ ଭୂତେ ହରି' ଏକ ଦଳଗତ ଓଡିଶୀ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। ପରେ ପରେ କୁନିକୁନି ଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ ଲୋକ ଗୀତ ଆଦି ପରିବେଷଣ ହୋଇଥିଲା। ଅନୁଷ୍ଠାନର ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀ ଏହି ବାର୍ଷିକ ଉତ୍ସବରେ ନୃତ୍ୟ ପରିବେଷଣ କରିଥିଲେ।

# ମାଟ୍ରିକ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ବାଲିପାଟଣା, ୧୨।୫(ସମିସ) : ଆଦର୍ଶ ଶିଶୁ ନିକେତନ ତରଫରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ ୱାନ ଲାଭ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ନାଥ ସାହୁଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ୍ ପ୍ରଭାତ କୁମାର ରଥ ଯୋଗ ଦେଇ ଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ପବିତ୍ର ମୋହନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶି ଭୂଷଣ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଚୌଧୁରୀ ଦ୍ୱାରକାନାଥ ଦାସ, ସମାଜସେବୀ ନାରାୟଣ ଖୁଣ୍ଟିଆ, ମାଗୁଣି ଚରଣ ସେଠୀ, ଗିରିଶ ପ୍ରଧାନ, ପ୍ରଶାନ୍ତ ସାମନ୍ତରାୟ, ଅରୁଣ ଶତପଥୀ, ଶିବପ୍ରସାଦ ଶତପଥୀ, ବିନୋଦ ଭୋଇ ପ୍ରମୁଖ ଯୋଗଦେଇ କୃତିତ୍ୱ ହାସଲ କରିଥିବା ଅଂଶୁମାନ ଦାସ, ବ୍ଲକରେ ପ୍ରଥମ ଶାନ୍ତନୁ ତ୍ରିପାଠୀ, ଶୁଭଶ୍ରୀ ପ୍ରଧାନ, ଶୁଭମ୍ ପ୍ରଧାନ, ଶୁଭ୍ରଜିତ୍ ସାହୁ, ଆଶୁତୋଷ ସାହୁ, ପ୍ରତ୍ୟାଶା ବିଶ୍ୱାଳ, ଆଦ୍ୟାଶା ପ୍ରିୟଦର୍ଶିନୀ ଦେଠୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସୁଜାତା ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରତାପ ବେହେରା, ଉମେଶ ସାହୁ, ଟୁଲୁ ସାହୁ, ବିଜୟ ବେହେରା, ଶୈଳବାଳା ମେକାପ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, ୧୨।୫(ସମିସ): ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ସଂଗଠନ 'ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ' ପକ୍ଷରୁ ଜୟଦେବ ଭବନଠାରେ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମେଳନ ଏବଂ ସନନ୍ଦ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ପରମ୍ପରା ସମ୍ବନ୍ଧିତ ସାମଗ୍ରୀ ପ୍ରଦର୍ଶନର ଉଦଘାଟନ ପୂର୍ବକ ଶ୍ରୀଜଗନ୍ନାଥଙ୍କ ଧ୍ୟାନମନ୍ତ୍ର ଆବୃତ୍ତି ମଧ୍ୟରେ ତଥା ରାଜ୍ୟର ବିଭିନ୍ନ ଜିଲ୍ଲାର ସୁପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରର ପ୍ରତିନିଧି ଓ ପୂଜକମାନଙ୍କ ଉପସ୍ଥିତିରେ ଆଲୋଚନା ଚକ୍ରର ଶୁଭାରମ୍ଭ ହୋଇଥିଲା। ପ୍ରତିଷ୍ଠାନର ସଭାପତି ଡ. ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟକ, ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମୁଖ୍ୟ ଆୟକର କମିସନର ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟବକ୍ତା ଏବଂ ସ୍ୱତନ୍ତ୍ର ଶାସନ ସଚିବ ଦେବେନ କୁମାର ପ୍ରଧାନ ବିଶିଷ୍ଟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡ. ଭାସ୍କର ମିଶ୍ର ଅଦିନରେ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାକୁ ଦେଶବିଦେଶରେ ଇସ୍କନ ସଂସ୍ଥା ପକ୍ଷରୁ ପାଳିତ ହେଉଥିବା ଏହି ପରମ୍ପରାର ଉଲ୍ଲଙ୍ଘନ କରାଯାଉଥିବାରୁ ଏହାର ଦୃଢ଼ ପ୍ରତିବାଦ କରନ୍ତୁ ବୋଲି ପ୍ରକାଶ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ଆଗକୁ ସାବିତ୍ରୀ

# ଏଥର ଡିମାଣ୍ଡରେ ପଟ୍ଟଚିତ୍ର ଓ ହସ୍ତତନ୍ତ ଶାଢ଼ି

ଭୁବନେଶ୍ୱର, ୧୨।୫(ସମିସ)

ପାଖେଇ ଆସିଲାଣି ସାବିତ୍ରୀ ବ୍ରତ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ରାଜଧାନୀ ବଜାର। ସାବିତ୍ରୀ ବ୍ରତ ପ୍ରାୟ ୧୫ ଦିନ ପୂର୍ବରୁ ବିଭିନ୍ନ ଶାଢ଼ି ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ମଧ୍ୟ ଓଡ଼ିଆ ପରମ୍ପରାର ଏହି ପର୍ବ ପାଇଁ ବଜାରରେ ସକାଳୁ ରାତି ଯାଏ ବିଭିନ୍ନ ହାଟ ବଜାରେରେ ଭିଡ଼ ଆରମ୍ଭ ହୋଇଗଲାଣି। ଚଳିତ ବର୍ଷ ମହିଳାମାନେ ବିଭିନ୍ନ ପ୍ରକାର ଶାଢ଼ୀ କିଣୁଥିବା ବେଳେ ହସ୍ତତନ୍ତ ଓ ପଟ୍ଟଚିତ୍ର ଶାଢ଼ୀର ବେଶ୍ ଚାହିଦା ରହିଥିବା ବ୍ୟବସାୟୀମାନେ କହିଛନ୍ତି।

ଚଳିତ ମାସ ୧୬ ତାରିଖରେ ପାଳନ ହେବାକୁ ଥିବା ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଗାର୍ମେଣ୍ଟସ୍, ସପିଂ ମଲ୍, ଫୁଟପାଥ୍ ଆଦିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଚଳିତ ବର୍ଷ ନିଜକୁ ସମ୍ପୂର୍ଣ୍ଣ ପାରମ୍ପରିକ ଲୁକ୍‌ରେ ସଜାଇବାକୁ ମହିଳାମାନେ ଶାଢ଼ି କିଣିବା ଆରମ୍ଭ କରିଛନ୍ତି। ତେବେ ଅଧିକ କ୍ରେଜ୍‌ରେ ରହିଛି ପଟ୍ଟଚିତ୍ର ଶାଢ଼ି ଓ ସମ୍ବଲପୁରୀ, ଇକତ୍, ପଞ୍ଚମପଲ୍ଲୀ, ବୋମକେଇ ଆଦି ହସ୍ତତନ୍ତ ଶାଢ଼ି। ଫେଶନ୍ କ୍ଷେତ୍ରରେ ରାଜଧାନୀର ଅପ-ଡେଟ୍ ରହୁଥିବା ମହିଳାମାନେ ପାରମ୍ପରିକ ପରିଧାନ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଟ୍ରାଡିସ୍‌ନାଲ ଲୁକ୍‌ରେ ନିଜକୁ ସଜେଇବାକୁ ସେମାନେ ବିଭିନ୍ନ ଜନଜାତିଙ୍କ ଜୀବନଶୈଳୀ, ସେମାନଙ୍କ କଳା ଓ କରିଗରୀର ଛାପ ରହିଥିବା ପୋଷାକକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ବିଭିନ୍ନ ଫେଶନ୍ ଡିଜାଇନରମାନଙ୍କ ନିକଟରେ ଜମୁଛି ଭିଡ଼। ସେମାନେ ଏହିସବୁ ପୋଷାକକୁ ଗ୍ରାହକଙ୍କ ନିଜ ମନ ପସନ୍ଦ କଲର୍ ହିସାବରେ ଡାଏ କରି ସେଥିରେ ବିଭିନ୍ନ କଳାକୃତିକୁ ସ୍ଥାନୀତ କରୁଛନ୍ତି। ସେହିପରି ବିଭିନ୍ନ ଫ୍ୟାବ୍ରିକ ଉପରେ ପ୍ୟାଚ୍ ୱାର୍କ ସମେତ ଗ୍ରାହକଙ୍କ ପସନ୍ଦ ଅନୁସାରେ କଷ୍ଟମାଇଜ୍ ଶାଢ଼ୀର ଅଧିକ ଚାହିଦା ରହିଛି। ବିଶେଷ କରି ବିଭିନ୍ନ ପିଓର ସିଲ୍କ ଶାଢ଼ିରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଅଲୌକିକ କାହାଣୀର ଛବି, ଓଡ଼ିଶୀର ବିଭିନ୍ନ ମୁଦ୍ରା, ରାଧାକୃଷ୍ଣଙ୍କ ଲୀଳାରେ ଗୋପପୁର ଠାରୁ ଆରମ୍ଭ କରି ମଥୁରା ଯାଏଁ ବିଭିନ୍ନ ଦୃଶ୍ୟ, କୃଷ୍ଣା ରାସ, ଭାରତୀୟ ବିବାହ ଥିମ୍, ବନ୍ଦନା ଥିମ୍, ରାମାୟଣ, ମହାଭାରତ, ରଥ, ଦେଉଳ, ନର୍ତ୍ତକୀ, ସମେତ ଚାନ୍ଦୁଆ ଆଦି ଥିମ୍‌କୁ ନେଇ କାରୀଗରମାନେ ଆକର୍ଷଣୀୟ ଶାଢ଼ି ଓ ପୋଷାକ ଉପରେ ଚିତ୍ରିତ କରୁଛନ୍ତି। ଯାହାର ଦାମ୍ ୧୦ହଜାର ଟଙ୍କାରୁ ଆରମ୍ଭ କରି ୧ଲକ୍ଷ ଟଙ୍କା ଯାଏ ରହିଛି। ସେହିପରି ବିଭିନ୍ନ ହ୍ୟାଣ୍ଡଲୁମ୍ କଟନ ଶାଢ଼ୀର ଦାମ୍ ୩ହଜାର ଟଙ୍କାରୁ ଆରମ୍ଭ ହୋଇ ୧୦ହଜାର ଟଙ୍କା ଯାଏ ରହିଥିବା ବେଳେ ପାଟ ଶାଢ଼ି ଗୁଡ଼ିକର ଦାମ୍ ୮ ହଜାର ଟଙ୍କାରୁ ଆରମ୍ଭ ହୋଇ ୬୦ହଜାର ଟଙ୍କା ଯାଏ ରହିଛି। ତେବେ ସାବିତ୍ରୀ ପାଇଁ କେବଳ ଅଫ୍ ଲାଇନ୍ ନୁହେଁ ଅନଲାଇନ୍‌ରେ ମଧ୍ୟ କଷ୍ଟମାଇଜ୍ ଡିଜାଇନ୍ ଶାଢ଼ିକୁ ମହିଳାମାନେ ବେଶ୍ ପସନ୍ଦ କରୁଛନ୍ତି।







ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ୱାର୍ଡେନ ସେବାଶିଷ ଜେନାଙ୍କ କ୍ୟାମେରା ଲେନ୍ସରେ ବାନ୍ଧବଗଡ଼ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ

## ଅଶାନ୍ତ ବାରଙ୍ଗ

# ସଂଘବଦ୍ଧ ଆକ୍ରମଣରେ ୩ ଗୁରୁତର

ତ୍ରିଶୂଳିଆ,୧୨।୫(ସମିସ): ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ଥମିବାର ନାଁ ନେଉ ନ ଥିବା ବେଳେ ବାରଙ୍ଗ ଅଞ୍ଚଳ ପୁଣିଥରେ ଅଶାନ୍ତ ହୋଇଉଠିଛି। ମଙ୍ଗଳବାର ଦିନ ଦ୍ୱିପ୍ରହରରେ ବାରଙ୍ଗ ଥାନା ଅଧୀନ ମୁଣ୍ଡଳୀ ବ୍ରିଜ ନିକଟରେ ଦୁର୍ବୃତ୍ତମାନେ ଖୋଲାଖୋଲି ଭାବେ ଖଣ୍ଡା ବୁଲାଇ ଆତଙ୍କରାଜ ଖେଳାଇଛନ୍ତି। ଏହି ସଂଘବଦ୍ଧ ଆକ୍ରମଣରେ ତିନିଜଣ ଯୁବକ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧ଟା ସମୟରେ ସାନମୁଣ୍ଡଳୀ ଗ୍ରାମର କାହ୍ନୁ ଚରଣ ଦଳାଇ ମୁଣ୍ଡଳୀ ବ୍ରିଜ ନିକଟସ୍ଥ ଏକ ଦହିବରା ଦୋକାନରେ ବସିଥିଲେ। ଏହି ସମୟରେ ୫ରୁ ୬ ଜଣ ଦୁର୍ବୃତ୍ତ ହାତରେ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି କାହ୍ନୁଙ୍କୁ ଅତର୍କିତ ଭାବେ ହାଣିବାକୁ ଗୋଡ଼ାଇଥିଲେ। କାହ୍ନୁ ରକ୍ତାକ୍ତ ଅବସ୍ଥାରେ ଜୀବନ ବଞ୍ଚାଇବାକୁ ଦୌଡ଼ୁଥିବା ବେଳେ ଦହିବରା ଦୋକାନୀ ଅନିଲ ଲେଙ୍କା ଓ ଜଣେ ପାନ ଦୋକାନୀ ଏହାକୁ ବିରୋଧ

**ଦିନ ଦ୍ୱିପ୍ରହରରେ ଖଣ୍ଡା ବୁଲାଇଲେ ଦୁର୍ବୃତ୍ତ**

କରିଥିଲେ। ମାତ୍ର ଦୁର୍ବୃତ୍ତମାନେ ସେମାନଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ଖଣ୍ଡା ଚୋଟରେ ତିନି ଜଣ ଗୁରୁତର ଆହତ ହୋଇଥିବା ବେଳେ ସମଗ୍ର ଅଞ୍ଚଳ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟିଯାଇଥିଲା। ଆକ୍ରମଣ ପରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଏପଟ ସେପଟ ଦୌଡ଼ିଥିବା ବେଳେ ଏହାର ସୁଯୋଗ ନେଇ



ଦୁର୍ବୃତ୍ତମାନେ ମୁଣ୍ଡଳୀ ବ୍ରିଜ ଦେଇ ଆଠଗଡ଼ ଅଭିମୁଖେ ଚମ୍ପଟ ମାରିଥିଲେ। ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ତୁରନ୍ତ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଖବର ପାଇ ବାରଙ୍ଗ ପୁଲିସ ଓ ଗୋଡ଼ିସାହି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଆକ୍ରମଣ ପଛରେ ପୂର୍ବ ଶତ୍ରୁତା ରହିଛି ନା ଅନ୍ୟ କୌଣସି କାରଣ, ସେ ନେଇ ପୁଲିସ ଛାନଭିନ ଚଳାଇଛି। ତେବେ ଦିନ ଦ୍ୱିପହରରେ ଏଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ମରଣାନ୍ତକ ଆକ୍ରମଣ ଘଟଣା ସ୍ଥାନୀୟ ଅଞ୍ଚଳରେ ପୁଲିସର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆଜି ପ୍ରକାଶ ପାଇବ ସିବିଏସ୍‌ଇ +୨ ପରୀକ୍ଷା ଫଳ!

ଭୁବନେଶ୍ୱର,୧୨।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆସନ୍ତାକାଲି ଅର୍ଥାତ୍ ବୁଧବାର ଦିନ ପ୍ରକାଶ ପାଇବ। ଏନେଇ ସିବିଏସ୍‌ଇ ପକ୍ଷରୁ କୌଣସି ଅଧିକାରୀକ ସୂଚନା ଜାରି କରାଯାଇ ନାହିଁ। ମାତ୍ର ଜାତୀୟ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି। ଦିନ ୧୨ଟାରେ ସିବିଏସ୍‌ଇ ୱେବସାଇଟ୍ ସହିତ ଡିଜିଲକର୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ ବୋଲି କୁହାଯାଇଛି। ଏପରିକି ଡିଜିଲକର୍‌ରେ ପରୀକ୍ଷା ଫଳ ନେଇ ଲିଙ୍କ ଦିଆଯିବା ସହ ଖୁପବଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାୟ ୧୮ ଲକ୍ଷ ୫୯ ହଜାର ଛାତ୍ରଛାତ୍ରୀ ଦ୍ୱାଦଶ ପରୀକ୍ଷା ଦେଇଛନ୍ତି। ଫେବୃଆରୀ ୧୭ ତାରିଖରୁ ଏପ୍ରିଲ୍ ୧୦ ତାରିଖ ମଧ୍ୟରେ ଦେଶର ୭୫୦୦ରୁ ଅଧିକ ସହରରେ ଏହି ପରୀକ୍ଷା ହୋଇଥିଲା। ଅପରପକ୍ଷରେ ଗତ ୧୫ ତାରିଖରେ ସିବିଏସ୍‌ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇ ସାରିଛି।

# ମିତବ୍ୟୟିତା ପାଇଁ ଆହ୍ୱାନ, ଦେଶ ପରିଚାଳନାରେ ବିଫଳତାକୁ ସୂଚାଉଛି: ଭକ୍ତ

ଭୁବନେଶ୍ୱର, ୧୨।୫(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଅର୍ଥନୀତିର ବୈଶ୍ୱିକ ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ୭ଟି ବିନ୍ଦୁରେ ମିତବ୍ୟୟୀ ହେବାକୁ ଆହ୍ୱାନ ଦେଇଛନ୍ତି। ଏହା ରାଷ୍ଟ୍ରର ଶାସନ ମୁଖ୍ୟ ଭାବେ ତାଙ୍କ ନିଜର ବିଫଳତାକୁ ଦର୍ଶାଉଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୁନା କିଣିବା ଓ ବିଦେଶ ଭ୍ରମଣ ବନ୍ଦ କରିବା, ସାଧାରଣ ପରିବହନ ବ୍ୟବସ୍ଥାରେ ଯାତାୟାତ କରି ପେଟ୍ରୋଲ-ଡିଜେଲ କମ୍ କରିବା ତଥା କାର୍ଯ୍ୟାଳୟ ଓ ବିଦ୍ୟାଳୟମାନେ କୋଭିଡ୍ ବେଳର ୱାର୍କ-ଫ୍ରମ୍ ହୋମ୍ ଆପଣାଇବା ପାଇଁ ପରାମର୍ଶ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ଦେଶ ଚଳାଇ ପାରୁନାହାନ୍ତି ବୋଲି ସ୍ୱୀକାର କରିଛନ୍ତି। ଗତ ଦଶନ୍ଧି କାଳ ଡଲାର ତୁଳନାରେ ଟଙ୍କାର ଦ୍ରୁତ ଅବମୂଲ୍ୟାୟନ ସହ ଗତ ତିନି ମାସରେ ଦେଶରେ ଗଚ୍ଛିତ ବୈଦେଶିକ ବିନିମୟ ମୁଦ୍ରାର ପରିମାଣ ୩୭ ବିଲିଅନ ଡଲାର କମିଯିବା ଦେଶବାସୀଙ୍କ ପାଇଁ ସତର୍କ ଘଣ୍ଟି ବୋଲି ଶ୍ରୀ ଦାସ କହିଛନ୍ତି। ଏବେ ଉପରୋକ୍ତ ମିତବ୍ୟୟିତାର ଆହ୍ୱାନ ଦେଇ ମୋଦୀ ନିଜ ଶାସନରେ ଅର୍ଥବ୍ୟବସ୍ଥାର ବିକଳ ଚିତ୍ର ଉପସ୍ଥାପନ କରିଦେଇଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

## ହରିପୁର ଗାଁରେ ହତ୍ୟା ଘଟଣା

# ସାଇକଲରେ ଶବ ବୋହିଲେ ପରିବାରଲୋକ

ଖଇରା,୧୨।୫ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ହରିପୁର ଗ୍ରାମରେ ଗତ ରବିବାର ପୂର୍ବାହ୍ନରେ ଛାତ ସେଣ୍ଟରିଂକୁ କେନ୍ଦ୍ର କରି ମାନସ ଜେନା ନାମକ ଯୁବକଙ୍କ ଶାବଳ ମାଡ଼ରେ ପଡ଼ୋଶୀ ସୁରେନ୍ଦ୍ର ସେଠୀଙ୍କ ଭଉଣୀ କମଳା କଟକ ବଡ଼ ଡାକ୍ତରଖାନାରେ ଆଖିବୁଜିଥିଲେ। ଏହାର ପ୍ରତିବାଦରେ ମୃତ କମଳାଙ୍କ



ପରିବାରଲୋକ ମଙ୍ଗଳବାର ସକାଳେ ଶବକୁ ସାଇକେଲରେ ରଖି ହରିପୁର ଗାଁରୁ ୧୫ କିମି ଚାଲି ଚାଲି ଖଇରା ଥାନାରେ ପହଞ୍ଚିଥିଲେ। ଏଥିସହ ଶବକୁ ସୋର-କୁପାରୀ ରାସ୍ତାର ଖଇରା ଥାନା ସମ୍ମୁଖରେ ରଖି ୫ଘଣ୍ଟା ଧାରଣାରେ ବସି ରହିଥିଲେ। ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର,ଅତିରିକ୍ତ ଏସପି ନିରଞ୍ଜନ ବେହେରା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ,ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ,ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ର ଘଟଣସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାଯିବା, ୧୫ ଦିନ ମଧ୍ୟରେ ୨ପଡ଼ୋଶୀ ମଧ୍ୟରେ ଚାଲିଥିବା ଜମିବାଡି ବିବାଦ ସମାଧାନ କରାଯିବା, ସ୍ଥାନୀୟ ସରପଞ୍ଚ ଓ ୫ ସହଯୋଗୀଙ୍କ ନାମରେ ମାମଲା ଲାଗି ପ୍ରତିଶ୍ରୁତି ଦେବା ସହ ଶବ ସଂସ୍କାର ପାଇଁ ୨୦ହଜାର ଟଙ୍କା ପ୍ରଦାନ ପରେ ପରିବାରଲୋକ ମୃତଦେହ ସାଙ୍ଗରେ ଧରି ଘରକୁ ଫେରିଥିଲେ।

## ନିଲାମରେ ସମ୍ପତ୍ତି କିଣି ପରେ ମାଲିକାନା ସ୍ୱତ୍ୱ ହରାଇବା ପ୍ରସଙ୍ଗ

# ୧୮ ପ୍ରତିଶତ ସୁଧ ସହ ଅର୍ଥ ଫେରସ୍ତ ପାଇଁ ଓଏସ୍‌ଏଫ୍‌ସିକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୨।୫(ସମିସ): ନିଲାମ ପ୍ରକ୍ରିୟାରେ ସମ୍ପତ୍ତି କିଣି ପରେ ଏହାର ମାଲିକାନା ସତ୍ତ୍ୱ ହରାଇବା ପ୍ରସଙ୍ଗରେ ଓଡ଼ିଶା ରାଜ୍ୟ ଆର୍ଥିକ ନିଗମ (ଓଏସଏଫସି)ର କାର୍ଯ୍ୟକଳାପକୁ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରିବା ସହ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆବେଦନକାରୀ କ୍ରେତାଙ୍କ ଦ୍ୱାରା ଜମା କରାଯାଇଥିବା ୧୩.୫ଲକ୍ଷ ଟଙ୍କା ଉପରେ ୧୮ପ୍ରତିଶତ ହାରରେ ସୁଧ ଦେବାକୁ ଓଏସ୍‌ଏଫ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ନିଗମ ୮ ସପ୍ତାହ ମଧ୍ୟରେ ଏହି ଅର୍ଥ ପ୍ରଦାନ ନକରେ, ତେବେ ସୁଧ ହାର ୧୮ରୁ ବୃଦ୍ଧି ପାଇ ୨୪ ପ୍ରତିଶତ ହେବ। ବର୍ଦ୍ଧିତ ସୁଧ ବାବଦ ଟଙ୍କା ନିଗମର ଦୋଷୀ ଅଧିକାରୀଙ୍କ ପକେଟରୁ ଅସୁଲ କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ନିଗମ ପୂର୍ବରୁ କେବଳ ମୂଳ ଟଙ୍କା ଫେରସ୍ତ କରିଥିବା ବେଳେ ସୁଧ ପ୍ରଦାନ କରିନଥିଲା। ବନମାଳୀ ମିଶ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ସମ୍ପତ୍ତିର ପଞ୍ଜିକରଣ ଫି' ୨୭ ହଜାର ଟଙ୍କା, ଦଲିଲ ପ୍ରସ୍ତୁତି ଖର୍ଚ୍ଚ ୧୦ହଜାର ଟଙ୍କା ଏବଂ ସେଠାରେ ବୋରୱେଲ ଖୋଳିବା ପାଇଁ ହୋଇଥିବା ୬୦ ହଜାର ଟଙ୍କା ଅର୍ଥାତ ସର୍ବମୋଟ ୯୭ହଜାର ଟଙ୍କାର ଖର୍ଚ୍ଚକୁ ମଧ୍ୟ ୯ ପ୍ରତିଶତ ସୁଧ ସହ ଫେରସ୍ତ କରିବାକୁ ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କୁ ଅତିରିକ୍ତ ୧୦ହଜାର ଟଙ୍କା ମାମଲା ପରିଚାଳନା ଖର୍ଚ୍ଚ ବାବଦରେ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୧୧ ମସିହାରେ ବନମାଳୀ ମିଶ୍ର ନାମକ ଜଣେ ବ୍ୟକ୍ତି ଓଏସଏଫ୍‌ସି ଦ୍ୱାରା ଆୟୋଜିତ ଏକ ନିଲାମ ମାଧ୍ୟମରେ ୧୩.୫ ଲକ୍ଷ ଟଙ୍କା ଦେଇ ଏକ ସମ୍ପତ୍ତି କିଣିଥିଲେ। ତେବେ ଏହା ପରେ ଏକ ସିଭିଲ୍ ସୁଟ୍ ଯୋଗୁଁ କୋର୍ଟ ସେହି ସମ୍ପତ୍ତି ଉପରେ ରହିତାଦେଶ ଜାରି କରିଥିଲେ। ଫଳରେ କ୍ରେତା ସମ୍ପତ୍ତିର ବ୍ୟବହାର କରିପାରିନଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ମସିହାରେ କୋର୍ଟଙ୍କ ଡିକ୍ରି ଯୋଗୁଁ ସେ ସମ୍ପତ୍ତିର ମାଲିକାନା ସ୍ୱତ୍ୱ ସମ୍ପୂର୍ଣ୍ଣ ଭାବେ ହରାଇଥିଲେ। କ୍ରେତା ମାଲିକାନା ସ୍ୱତ୍ୱ ହରାଇବା ପରେ ନିଗମ ତାଙ୍କୁ ଟଙ୍କା ଫେରସ୍ତ କରିବାରେ ଅବହେଳା କରିଥିଲା ଏବଂ କେବଳ ମୂଳ ଟଙ୍କା ଫେରସ୍ତ କରି ଚୁପ୍ ବସିଥିଲା। ଏହାକୁ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଫାଶରେ ପଡ଼ି କଲରାପତରିଆ ବାଘ ମୃତ

ନୀଳଗିରି, ୧୨।୫ (ସମିସ): ଫାଶରେ ପଡ଼ି କଲରାପତରିଆ ବାଘ ମୃତ। ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ମିତ୍ରପୁର ସେକ୍ସନ୍‌ର ପାଟଣା ବିଟ୍ ହାଉସ୍ କାଠାଗୋଛି ପାହାଡ଼ରେ ଏହି ଅଘଟଣ ଘଟିଛି। ୧୦ ବର୍ଷୀୟା ଏହି ବାଘଟି କୁଲଡ଼ିହା ଅଭୟାରଣ୍ୟରୁ ଏଠାକୁ ଆସିଥିବା ବେଳେ ପାହାଡ଼ରେ ଥିବା ଏକ ଛୋଟ ଶିମିଳି ଗଛରେ ଲଗାଯାଇଥିବା ବାଇକ୍ କ୍ଲଚ୍ ତାରରେ ଫସି ଯାଇଥିଲା। ତାରରେ ତା' ପେଟ ଓ ଅଣ୍ଟା ଛନ୍ଦି ହୋଇଯିବାରୁ ଅଣନିଃଶ୍ୱାସୀ ହୋଇ ସେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି ବୋଲି ଜେଟିଏଫ୍ ଏସ୍‌ପି ବଟକୃଷ୍ଣ ମିଶ୍ର କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ଗତ ସୋମବାର ରାତିରେ ବାଘଟି ମରି ଥିବାର ଅନୁମାନ କରାଯାଉଛି। ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ମୃତ ବାଘକୁ ଉକ୍ତ ସ୍ଥାନରେ ପୋତି ଦିଆଯାଇଛି। ଅପରପକ୍ଷେ, ବାଘ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଆଲୋଚନା ଜୋର୍ ଧରିଛି।

# ସଭ୍ୟତାକୁ ବୁଝିବା ପାଇଁ ଭାରତ ସବୁଠୁ ବଡ଼ ଉଦାହରଣ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୨।୫ (ସମିସ): ମଣିଷ ସମାଜ ଓ ସଂସ୍କୃତିକୁ ଜାଣିବା ପାଇଁ ଭାରତ ହେଉଛି ସବୁଠାରୁ ବଡ଼ ଉଦାହରଣ ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ(ଆଇସିଏସଏସଆର)ର ୫୮ତମ ପ୍ରତିଷ୍ଠା ଦିବସ ଏବଂ ସିଆଇଆଇର ବାର୍ଷିକ ବ୍ୟବସାୟ ସମ୍ମିଳନୀ-୨୦୨୬ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭାରତୀୟସାମାଜିକବିଜ୍ଞାନଗବେଷଣାପରିଷଦର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ 'ସାମାଜିକ ବିଜ୍ଞାନ ଗବେଷଣାର ବି-ଉପନିବେଶୀକରଣ: ଭାରତର ବୌଦ୍ଧିକ ଐତିହ୍ୟର ପୁନରୁଦ୍ଧାର' ବିଷୟବସ୍ତୁ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ମାନବ ସଭ୍ୟତାକୁ ବୁଝିବା ପାଇଁ ଏକ ଜୀବନ୍ତ ଗବେଷଣାଗାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦୀଙ୍କ ନେତୃତ୍ୱରେ ଦେଶ ଆଜି ଟି.ବି ମାକାଉଲେ ଚିନ୍ତାଧାରାରୁ ମୁକ୍ତ ହୋଇ ନିଜର ସାଂସ୍କୃତିକ ଚେତନା ଓ ବୌଦ୍ଧିକ ପରମ୍ପରାକୁ ବିଶ୍ୱ ଦରବାରରେ ସ୍ଥାପିତ କରୁଛି। ଆମକୁ ସୋମନାଥ ମନ୍ଦିରର ପୁନର୍ନିର୍ମାଣ ପରି ଭାରତର ଗୌରବ ଓ ଜାତୀୟ ଚେତନାକୁ ସାମାଜିକ ବିଜ୍ଞାନର ନୂଆ ପରିଭାଷାରେ ଯୋଡ଼ିବାକୁ ହେବ।

## ବିଶ୍ୱ ବାଣିଜ୍ୟ

# ପୁଣି ବଢ଼ିଲା ସୁନା ରୁପା ମୂଲ୍ୟ

ନୂଆଦିଲ୍ଲୀ,୧୨।୫(ଏଜେନ୍ସି) : ଆନ୍ତର୍ଜାତୀୟ ବଜାରରେ ଅସ୍ଥିରତା ଓ ଦେଶରେ ଚାହିଦା ବୃଦ୍ଧି ପୁଣି ସୁନା ଓ ରୁପା ମୂଲ୍ୟକୁ ବୃଦ୍ଧି କରିଛି। ଗତ ୨ ଦିନରେ ପ୍ରଧାନମନ୍ତ୍ରୀ ସୁନା ରୁପା କ୍ରୟ ହ୍ରାସ ପାଇଁ ପରାମର୍ଶ ଦେବା ସତ୍ତ୍ୱେ ମଙ୍ଗଳବାର ଉଭୟ ସୁନା ଓ ରୁପା ମୂଲ୍ୟ ବୃଦ୍ଧି ପାଇଛି। ଇଣ୍ଡିଆ ବୁଲିୟନ୍ ଏଣ୍ଡ ଜୁଏଲର୍ସ ଆସୋସିଏସନ୍‌ର ସୂଚନା ଅନୁସାରେ ମଙ୍ଗଳବାର ରୁପା କିଲୋ ୮,୬୬୭ ଟଙ୍କା ବୃଦ୍ଧି ପାଇଁ ୨,୬୪,୮୬୭ ଟଙ୍କାରେ ପହଞ୍ଚିଛି। ସେହିପରି ୨୪ କ୍ୟାରେଟ୍ ସୁନା ଦାମ ୧,୨୭୦ ଟଙ୍କା ବୃଦ୍ଧି ପାଇଛି। ଫଳରେ ୧୦ ଗ୍ରାମ ସୁନାର ଦର ୧,୫୧,୬୩୨ ଟଙ୍କାରେ ପହଞ୍ଚିଛି। ବିବାହ ଋତୁରେ ସୁନା ଦର ବୃଦ୍ଧି ସାଧାରଣ ଗ୍ରାହକଙ୍କ ଉପରେ ଅର୍ଥନୈତିକ ଚାପ ସୃଷ୍ଟି କରିଛି। ବଜାର ବିଶେଷଜ୍ଞଙ୍କ ମତାନୁସାରେ ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା, ଡଲାର ମୂଲ୍ୟ ବୃଦ୍ଧି ଓ ସୁରକ୍ଷିତ ନିବେଶ ଭାବେ ସୁନା ପ୍ରତି ଆକର୍ଷଣ ବଢ଼ିବା ସୁନା ଓ ରୁପା ମୂଲ୍ୟ ବଢୁଛି ଓ ଏହାର ପ୍ରଭାବ ଭାରତୀୟ ବଜାରରେ ପ୍ରତିଫଳିତ ହୋଇଛି । ୩୧ ଡିସେମ୍ବର ୨୦୨୫ରେ ୧୦ ଗ୍ରାମ ସୁନା ଦର ପ୍ରାୟ ୧.୩୩ ଲକ୍ଷ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୧.୫୨ ଲକ୍ଷ ଟଙ୍କାକୁ ପହଞ୍ଚିଛି। ସେହିପରି ରୁପା ଦର ମଧ୍ୟ ୨.୩୦ ଲକ୍ଷ ଟଙ୍କା ପ୍ରତି କିଲୋରୁ ବଢ଼ି ୨.୬୫ ଲକ୍ଷ ଟଙ୍କାରେ ପହଞ୍ଚିଛି।

# ଆମାଜନରେ ସମର ସେଲ

ଭୁବନେଶ୍ୱର,୧୨।୫(ଏଜେନ୍ସି) ଆମାଜନ ପକ୍ଷରୁ ଆରମ୍ଭ ହୋଇଛି 'ଗ୍ରେଟ ସମର ସେଲ୍ ୨୦୨୬' ଆରମ୍ଭ ହୋଇଛି। ଫ୍ୟାସନ୍, ଗ୍ରୋସୋରୀ, ବ୍ୟୁଟି ଓ ହୋମ୍ ସାମଗ୍ରୀ ଉପରେ ୫୦ ଶତାଂଶ ପର୍ଯ୍ୟନ୍ତ ରିଆତି ମିଳୁଛି। ସେହିପରି ଆମାଜନ ଫ୍ରେସରେ ମଧ୍ୟ ପ୍ରୟୋଜନୀୟ ସାମଗ୍ରୀରେ ୪୦ % ରିଆତି ଦିଆଯାଉଛି । ୨୯୯ ଟଙ୍କାରୁ କମ୍ ଦାମରେ ପୋଷାକ, କିଚେନ୍ ସାମଗ୍ରୀ ଓ ଘରୋଇ ଉତ୍ପାଦ ଉପଲବ୍ଧ ଥିବା ସୂଚନା ମିଳିଛି ।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍‌ର ନୂଆ ଇଣ୍ଡେକ୍ସ ଫଣ୍ଡ

ଭୁବନେଶ୍ୱର,୧୨।୫(ଏଜେନ୍ସି): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ପକ୍ଷରୁ 'ବିଏସଇ ଏନହାନ୍ସଡ୍ ଭାଲ୍ୟୁ ୩୦ ଇଣ୍ଡେକ୍ସ ଫଣ୍ଡ' ଶୁଭାରମ୍ଭ କରାଯାଇଛି। ଏହି ଫଣ୍ଡଟି କମ୍ପାନୀର ୟୁନିଟ୍ ଲିଙ୍କଡ୍ ଇନ୍ସୁରାନ୍ସ ପ୍ଲାନ୍ (ୟୁଏଲଆଇପି) ଅଧୀନରେ ଉପଲବ୍ଧ ହେବ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଏହି ଫଣ୍ଡ ଲାର୍ଜ ଓ ମିଡ୍ କ୍ୟାପ୍ କମ୍ପାନୀରେ ନିବେଶ ସୁଯୋଗ ଦେଇ ଦୀର୍ଘମିଆଦୀ ସମ୍ପତ୍ତି ସୃଷ୍ଟିକୁ ଲକ୍ଷ୍ୟ କରିଛି। କମ୍ପାନୀର ଚିଫ୍ ଇନଭେଷ୍ଟମେଣ୍ଟ ଅଫିସରଙ୍କ କହିବା ଅନୁସାରେ, ଏହା ଗ୍ରାହକଙ୍କୁ ଶୃଙ୍ଖଳିତ ଓ ପାରଦର୍ଶୀ ଭାବରେ ଇକ୍ୱିଟି ବଜାରରେ ନିବେଶ କରିବାର ସୁଯୋଗ ଦେବ। ଏହି ଇଣ୍ଡେକ୍ସ ୩ ବର୍ଷରେ ୩୨%, ୫ ବର୍ଷରେ ୨୮.୯% ଓ ୧୦ ବର୍ଷରେ ୧୯.୪% ବାର୍ଷିକ ରିଟର୍ଣ୍ଣ ଦେଇଥିବା କମ୍ପାନୀ କହିଛି।

■ ଅବମୂଲ୍ୟାୟନରେ ଟଙ୍କାର ନୂଆ ରେକର୍ଡ

# ୧ ଡଲାର = ୯୫.୭୫ ଟଙ୍କା

ମୁମ୍ବାଇ,୧୨।୫(ଏଜେନ୍ସି) : ଭାରତୀୟ ଟଙ୍କା ଅବମୂଲ୍ୟାୟନର ସବୁ ରେକର୍ଡ ଭାଙ୍ଗିଛି। ମଙ୍ଗଳବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇ ୯୫.୭୫ରେ ପହଞ୍ଚିଛି। ଆମେରିକା-ଇରାନ ମଧ୍ୟରେ ଯୁଦ୍ଧବିରତି ସମ୍ଭାବନା ହ୍ରାସ ଓ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଭାରତୀୟ ମୁଦ୍ରାକୁ ତଳମୁହାଁ କରିଛି। ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଯୋଗୁଁ ବ୍ରେଣ୍ଟ କ୍ରୁଡ୍ (କଞ୍ଚା ତେଲ) ବ୍ୟାରେଲ ୧୦୭ ଡଲାର ଅତିକ୍ରମ କରିଛି। ଭାରତ ଭଳି ତେଲ ଆମଦାନୀକାରୀ ଦେଶ ପାଇଁ ଏହା ବଡ଼ ଚିନ୍ତାର ବିଷୟ ହୋଇଛି। ତେଲ ଦର ବୃଦ୍ଧି ଯୋଗୁଁ ଭାରତକୁ ଆମଦାନୀ ପାଇଁ ଅଧିକ ଡ଼ଲାର ଖର୍ଚ୍ଚ କରିବାକୁ ପଡୁଛି ଓ ପରିଣତିସ୍ୱରୂପ ଭାରତୀୟ ଟଙ୍କା ଦିନକୁ ଦିନ ଅଧିକ ରୁଗ୍ଣ ହେବାରେ ଲାଗିଛି। ଚଳିତ ବର୍ଷ ଜାନୁଆରୀ ପରଠାରୁ ଭାରତୀୟ ମୁଦ୍ରା ୫% ଦୁର୍ବଳ ହୋଇଛି ଓ ଏସିଆର ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ମଧ୍ୟରେ ଟଙ୍କା ସ୍ଥାନ ପାଇଛି। ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ଲଗାତାର ଟଙ୍କା ଉଠାଉଥିବାରୁ ଡଲାର ଚାହିଦା ଆହୁରି ବଢ଼ିଛି।

ମଙ୍ଗଳବାର ସକାଳେ ଟଙ୍କା ୯୫.୫୦ ସ୍ତରରେ ପହଞ୍ଚିଥିଲା ଓ ଅପରାହ୍ନରେ ଏହା ଆହୁରି ହ୍ରାସ ପାଇ ୯୫.୭୫ରେ ପହଞ୍ଚିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଉଦ୍ୟମ କରୁଥିଲେ ହେଁ ସେପରି ସୁଫଳ ମିଳିନାହିଁ। ଏହାର ସିଧାସଳଖ ପ୍ରଭାବ ଦେଶର ଉପଭୋକ୍ତାଙ୍କ ଉପରେ ପଡ଼ିଛି। ଟଙ୍କା ଦୁର୍ବଳ ହେବା କାରଣରୁ ରନ୍ଧନ ଓ ଇନ୍ଧନ ତୈଳ, ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ, ଔଷଧ ଓ ଅନ୍ୟାନ୍ୟ ଆମଦାନୀକୃତ ପଣ୍ୟ ଆହୁରି ମହଙ୍ଗା ହେବା ଆଶଙ୍କା ସୃଷ୍ଟି ହୋଇଛି ।

# ସେନସେକ୍ସ ଖସିଲା ୧୪୫୬ ପଏଣ୍ଟ

ମୁମ୍ବାଇ,୧୨।୫(ଏଜେନ୍ସି) : ଲଗାତାର ଚତୁର୍ଥ ଦିନ ପାଇଁ ସେୟାର ବଜାରରେ ସୃଷ୍ଟି ହୋଇଛି ସଙ୍ଘାତିକ ଅବସ୍ଥା। ମଙ୍ଗଳବାର ସେନସେକ୍ସ ୧,୪୫୬ ପଏଣ୍ଟ ଓ ନିଫ୍ଟି ୪୩୬ ପଏଣ୍ଟ ହ୍ରାସ ପାଇଛି। ଗତ ଚାରିଟି କାରବାର ଦିନ ମଧ୍ୟରେ ସେନସେକ୍ସ ପ୍ରାୟ ୩,୫୦୦ ପଏଣ୍ଟ ହ୍ରାସ ପାଇଛି ଓ ନିବେଶକମାନେ ପ୍ରାୟ ୨୫ ଲକ୍ଷ କୋଟି କ୍ଷତି

**■ ୪ ଦିନରେ ଖସିଲାଣି ୩୫୦୦ ପଏଣ୍ଟ**
**■ ନିବେଶକଙ୍କ କ୍ଷତି ୨୫ଲକ୍ଷ କୋଟି**

ସହିଛନ୍ତି। ଷ୍ଟକ୍‌ବଜାର ହ୍ରାସର ବଡ଼ ପ୍ରଭାବ ରିଅଲ ଇଷ୍ଟେଟ ଓ ଆଇଟି କମ୍ପାନୀ ଉପରେ ପଡ଼ିଛି। ବଡ଼ ବଡ଼ ଆଇଟି କମ୍ପାନୀର ଶେୟାରରେ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ବଢୁଥିବା ଆଶଙ୍କା ଓ ଆନ୍ତର୍ଜାତୀୟସ୍ତରରେ ଆଇଟି କମ୍ପାନୀରେ ବଢୁଥିବା ଚାପ ବଜାରକୁ ପ୍ରଭାବିତ କରିଛି । ମଙ୍ଗଳବାରର ସେନସେକ୍ସରେ ବଡ଼ ଧରଣର ହ୍ରାସ ପରେ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ହରାଇଛନ୍ତି ।

## ଆଇଟି କ୍ଷେତ୍ରକୁ ନେଇ ବଢୁଛି ଆଶଙ୍କା

# ଓରାକଲ୍‌ର ୧୨ ହଜାର କର୍ମଚାରୀଙ୍କୁ ଛଟେଇ

ନୂଆଦିଲ୍ଲୀ,୧୨।୫(ଏଜେନ୍ସି) : କୃତ୍ରିମବୁଦ୍ଧିମତ୍ତା ବା ଏଆଇର ବିକାଶର ବଡ଼ ପ୍ରଭାବ ଆଇଟି କ୍ଷେତ୍ରରେ ପଡ଼ିଛି। ବିଶ୍ୱର ଅନେକ ବଡ଼ ଟେକ୍ କମ୍ପାନୀ କର୍ମଚାରୀ ସଂଖ୍ୟା କମାଇବା ଆରମ୍ଭ କରିଥିବା ବେଳେ ଏବେ ଆମେରିକୀୟ ଟେକ୍ କମ୍ପାନୀ ଓରାକଲ୍ କର୍ପୋରେସନ ଭାରତରେ ୧୨ହଜାର କର୍ମଚାରୀଙ୍କୁ ଛଟେଇ କରିଥିବା ସୂଚନା ମିଳିଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଓରାକଲ୍ ବିଶ୍ୱସ୍ତରରେ ୩୦ ହଜାର କର୍ମଚାରୀଙ୍କୁ ଛଟେଇ କରିବା ଯୋଜନା କରିଛି । ଯାହାର ସବୁଠାରୁ ବଡ଼ ପ୍ରଭାବ ଭାରତରେ ପଡ଼ିଛି। ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ନଏଡା ଭଳି ସହରରେ କମ୍ପାନୀର ଅଫିସରେ ଇଞ୍ଜିନିୟରିଂ, କ୍ଲାଉଡ୍ ସେବା, ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ଓ ଅପରେସନ୍ ସମ୍ବନ୍ଧୀୟ ବିଭାଗର କର୍ମଚାରୀଙ୍କୁ ଛଟେଇ କରାଯାଇଛି। କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ସେମାନଙ୍କୁ ସକାଳ ୬ଟା ସମୟରେ ଇ-ମେଲ୍ ମାଧ୍ୟମରେ ଛଟେଇ ସୂଚନା ପଠାଯାଇଥିଲା । କିଛି ସମୟ ମଧ୍ୟରେ କମ୍ପାନୀ ସିଷ୍ଟମ୍‌ରୁ ସେମାନଙ୍କୁ ବାଦ ଦିଆଯାଇଥିଲା। ପୂର୍ବ ସୂଚନା ଓ ଆଲୋଚନା ବିନା ଏପରି ପଦକ୍ଷେପକୁ କର୍ମଚାରୀମାନେ ବିରୋଧ କରିଛନ୍ତି।

ନିଯୁକ୍ତି ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ଏଆଇ ଜରିଆରେ ବଡ଼ ବଡ଼ ଆଇଟି କମ୍ପାନୀମାନେ କମ୍ ମାନବ ସମ୍ବଳରେ ଅଧିକ କାମ ସମ୍ପାଦନ କରିବାକୁ ଚେଷ୍ଟା କରୁଛନ୍ତି। ଓରାକଲ ନିଜର ଏଆଇ ଡାଟା ସେଣ୍ଟର ଓ କ୍ଲାଉଡ୍ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିପୁଳ ନିବେଶ କରିଛି। ତେଣୁ ଏଆଇଭିତ୍ତିକ ପ୍ରଯୁକ୍ତିବିଦ୍ୟାରେ ଅଧିକ ଧ୍ୟାନ ଦେବା ସହ କମ୍ପାନୀ ପାରମ୍ପରିକ ନିଯୁକ୍ତିକୁ ସଂକୋଚନ ପାଇଁ ଯୋଜନା କରିଛି। ବୈଷୟିକ ବିଶେଷଜ୍ଞମାନେ ଏହାକୁ 'ଏଆଇ ଡ୍ରିଭିନ୍ ରିଷ୍ଟ୍ରକ୍‌ଚରିଂ' ବୋଲି ବର୍ଣ୍ଣନା କରିଛନ୍ତି। ଆଗାମୀ କିଛି ବର୍ଷରେ ଆଇଟି ଶିଳ୍ପରେ ଚାକିରିର ସ୍ୱରୂପ ବହୁତ ବଦଳିଯିବ ବୋଲି ସେମାନେ ମତ ଦେଇଛନ୍ତି । ଓରାକଲ୍ ଛଟେଇ ଘଟଣାକୁ ନେଇ ଦେଶରେ ଆଇଟି ଶିଳ୍ପରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଚାକିରି ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।

# ବଜାଜ ପଲ୍‌ସର-୧୨୫ ଉପରେ ୩୦୦୦ଟଙ୍କା ରିହାତି




ଭୁବନେଶ୍ୱର,୧୨।୫(ଏଜେନ୍ସି): ଦୁଇ ଏବଂ ତିନି ଚକିଆ ଯାନ ନିର୍ମାତା ବଜାଜ ଅଟୋ ଲିମିଟେଡ ପଲସର ୧୨୫ ଉପରେ ଏକ ସୀମିତ ସମୟ ପାଇଁ ୩ହଜାର ଟଙ୍କା ରିଆତି ଘୋଷଣା କରିଛି। ପଲସର ୧୨୫ ରେଞ୍ଜର ଆରମ୍ଭ ମୂଲ୍ୟ ୮୭,୨୫୫ (ଦିଲ୍ଲୀରେ ଏକ୍ସ-ସୋରୁମ ମୂଲ୍ୟ) ରହିଛି ଓ ଏହା ଉପରେ କମ୍ପାନୀ ରିଆତି ଘୋଷଣା କରିଛି। ପଲ୍‌ସର ଭାରତୀୟ ବଜାରରେ ନିଜର ଉପସ୍ଥିତି ବେଶ ଦୃଢ଼ ଭାବରେ ଉପସ୍ଥାପିତ କରିଛି ଓ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ଶ୍ରେଷ୍ଠ ବିକଳ୍ପ ଭାବରେ ନିଜକୁ ପରିଚିତ କରାଇଛି। ଯୁବପିଢ଼ିଙ୍କୁ ଆକୃଷ୍ଟ କଲାଭଳି ଆକର୍ଷଣୀୟ ରଙ୍ଗର ବିକଳ୍ପ, ଅପଡେଟ ହୋଇଥିବା ଆଧୁନିକ ଗ୍ରାଫିକ୍ସ ସାମିଲ କରାଯାଇଛି। ପରଫରମାନ୍ସ, ଆରାମ ଏବଂ ବିଶ୍ୱାସନୀୟତାର ମୌଳିକ ଗୁଣବତ୍ତା ସହିତ ଏକ ଅଧିକ ଆଧୁନିକ ତଥା ଉନ୍ନତ ଫିଚର-ଯୁକ୍ତ ଅନୁଭୂତି ଯୋଗୁଁ ବଜାଜ ପଲସର ଲୋକାଦୃତ ହେଉଛି ।

# କର୍ମକ୍ଷେତ୍ରକୁ ଫେରିବାରେ ମହିଳାଙ୍କୁ ସଶକ୍ତ କରୁଛି ଜିଓ

ଭୁବନେଶ୍ୱର,୧୨।୫(ଏଜେନ୍ସି): ମାତୃତ୍ୱ ପରେ ପୁଣିଥରେ କର୍ମକ୍ଷେତ୍ରକୁ ଫେରିବାକୁ ଇଚ୍ଛୁକ ମହିଳାଙ୍କ ପାଇଁ 'ସ୍ମାର୍ଟ ଜିଓ ସେଲସ ସ୍ପେସାଲିଷ୍ଟ (ସ୍ମାର୍ଟ-ଜେଏସଏସ)' ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି ରିଲାଏନ୍ସ ଜିଓ। କାର୍ଯ୍ୟକ୍ରମ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ମାତୃତ୍ୱ ପରେ ଓଡ଼ିଶାର ବ୍ରହ୍ମପୁରର ଗାୟତ୍ରୀ କର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁଣି କ୍ୟାରିଅର ଆରମ୍ଭ କରି ସଫଳତା



ପାଇଥିବା କମ୍ପାନୀ କହିଛି । ପ୍ରାୟ ଚାରି ବର୍ଷ ପୂର୍ବେ ମାତୃତ୍ୱ କାରଣରୁ ଗାୟତ୍ରୀ ଚାକିରି ଛାଡ଼ିଥିଲେ ଓ ପୁଅ ତିନି ବର୍ଷର ହେବା ପରେ ପୁଣି କାମକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଜିଓର ସ୍ମାର୍ଟ-ଜେଏସଏସ କାର୍ଯ୍ୟକ୍ରମରେ ସେ ପୁଣି କର୍ମକ୍ଷେତ୍ରକୁ ଫେରିଛନ୍ତି। ଜିଓ ପକ୍ଷରୁ ମିଳିଥିବା ପ୍ରଶିକ୍ଷଣ ଓ ପରାମର୍ଶ ତାଙ୍କ ଆତ୍ମବିଶ୍ୱାସକୁ ବଢ଼ାଇଛି ବୋଲି ଗାୟତ୍ରୀ କହିଛନ୍ତି। ଜିଓର ଓଡ଼ିଶା ବ୍ୟବସାୟ ମୁଖ୍ୟ ଗୌରବ କୁମାର ଏହି ଅବସରରେ ଗାୟତ୍ରୀଙ୍କ ଉଦ୍ୟମ ଓ ସଫଳତାର ପ୍ରଶଂସା କରିଛନ୍ତି।

